

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୫ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 NOVEMBER 2023

Vol.No. 34 ■ No. 299■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୬ରେ ୩ ଜିଲ୍ଲାରେ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତାକାଲି ସୁଦ୍ଧା ଅବପାତରେ ଓ ଗୁରୁବାର ବେଳକୁ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇପାରେ । ୧୬ ତାରିଖରେ ୩ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବା ବେଳେ ଆଉ କିଛି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୧୭ ତାରିଖରେ ୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ଗତକାଲିର ଘୂର୍ଣ୍ଣିବଳୟଟି ଆଜି ସକାଳେ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆଣ୍ଡମାନ ସାଗର ଅଞ୍ଚଳରେ ସକ୍ରିୟ ରହିଛି । ବର୍ତ୍ତମାନ ସମୟରେ ଏହା ସେହି ସ୍ଥାନରେ ରହିଛି । ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟଟି ବାୟୁ ମଣ୍ଡଳରେ ମଧଭାଗ ଯାଏଁ ବ୍ୟାପିଛି ଓ ଦକ୍ଷିଣ ପଶ୍ଚିମ ଦିଗକୁ ଢଳି ରହିଛି । ଅନୁମାନ କରାଯାଉଛି ୧୫ ତାରିଖ ଅର୍ଥାତ୍ ଆସନ୍ତାକାଲି ସୁଦ୍ଧା ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ପହଞ୍ଚିବ ଓ ପଶ୍ଚିମ-ଉତ୍ତର ▶▶ପୃଷ୍ଠା ୭

## କୋଚିଂ ଡିପୋରେ ଲାଗିଲା ନିଆଁ, ଜଳିଗଲା ଟ୍ରେନ୍ ବଗି

ପୁରୀ, ୧୪/୧୧ (ନି.ପ୍ର): ପୁରୀ ରେଳ ଷ୍ଟେସନର କୋଚିଂ ଡିପୋରେ ଲାଗିଲା ନିଆଁ । କୋଚିଂ ଡିପୋରେ ଥିବା ଟ୍ରେନର ଏକ ବଗିରେ ନିଆଁ ଲାଗିଥିବା ଜଣାଯାଇଛି । ଅଗ୍ନିଶମ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତକୁ ଆଣିଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ଆଜି ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ପୁରୀ ରେଳ ଷ୍ଟେସନର କୋଚିଂ ଡିପୋରେ ଟ୍ରେନ୍‌ର ବଗିଗୁଡ଼ିକର ମରାମତି ସହ ତାହାକୁ ସଫା କରାଯାଉଥିଲା । ଉକ୍ତ ସମୟରେ ଏକ ଏସି ବଗି କାମ ଚାଲୁଥିବା ବେଳେ ହଠାତ୍ ତାହା ତଳୁ ନିଆଁ ବ୍ୟାପିବା ଆରମ୍ଭ କଲା । ଦେଖୁଦେଖୁ ସମ୍ପୂର୍ଣ୍ଣ ବଗିଟି ଜଳି ପୋଡ଼ି ଛାରଖାର ହୋଇଯାଇଛି । ଖବର ପାଇ ତୁରନ୍ତ ଜିଆରପି, ଆରପିଏଫ ଅଧିକାରୀଙ୍କ ସମେତ ରେଳବାଇର ଉପରିସ୍ଥ ଅଧିକାରୀ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ପ୍ରାୟ ୪୦ ମିନିଟ୍‌ର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଏକ ବଗିରେ ୪୦ରୁ ୫୦ଟି ବ୍ୟାଟେରି ଥାଏ । ସେଥିରେ କୌଣସି ପ୍ରକାର ତ୍ରୁଟି ହେତୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ବଗି ତଳେ ଥିବା ବ୍ୟାଟେରି ବ୍ରଷ୍ଟ କରିବାରୁ ସର୍ଟସର୍କିଟ ହୋଇ ଏପରି ନିଆଁ ଲାଗିଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି । ଏଥିସହ ଏହା ଯାନ୍ତ୍ରୀକ ତ୍ରୁଟି ହୋଇଥିବା ବେଳେ ଏଥିରେ କୌଣସି ମାନବିକ ତ୍ରୁଟି ପରିଲକ୍ଷିତ ହେଉ ନ ଥିବା ସେ କହିଛନ୍ତି । ତେବେ ଘଟଣାର ତଦନ୍ତ ପରେ ଅଗ୍ନିକାଣ୍ଡର ସମ୍ପୂର୍ଣ୍ଣ କାରଣ ଜଣାପଡ଼ିବ ବୋଲି କହିଛନ୍ତି ଅଧିକାରୀ ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଅପମାନ ସୂଚକ ପୋଷ୍ଟ: କେଜ୍ରିୱାଲଙ୍କୁ ଇସିଙ୍କ ନୋଟିସ



ନୂଆଦିଲ୍ଲୀ, ୧୪/୧୧ : ସୋଶାଲ ମିଡିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଅପମାନ ସୂଚକ ଓ ଆପତ୍ତିଜନକ ପୋଷ୍ଟ କରିବା ଦିଲ୍ଲୀର କ୍ଷମତାସୀନ ଆପ୍‌କୁ ମହଙ୍ଗା ପଡ଼ିଛି । ଏଥିପାଇଁ ଆଜି ନିର୍ବାଚନ କମିଶନ ଆପ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଗୁରୁବାର ସୁଦ୍ଧା ଆପ୍‌ର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୋଶାଲ ମିଡିଆ ପୋଷ୍ଟ ସମ୍ପର୍କରେ ଉତ୍ତର ରଖିବାକୁ କୁହାଯାଇଛି । ବିଜେପିର ଏକାଧିକ ନେତା ସେମାନଙ୍କ ଅଭିଯୋଗରେ କହିଥିଲେ ଯେ ଆପ୍ ତା’ର ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସ ଆକାଉଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନିତ ଓ ଅତ୍ୟନ୍ତ ଆପତ୍ତିଜନକ ଭାବେ ଚିତ୍ରଣ କରି କିଛି ଭିଡିଓ ପୋଷ୍ଟ କରିଥିଲା । ଖରାପ ଉଦ୍ଦେଶ୍ୟ ରଖି ଆପ୍ ପକ୍ଷରୁ ଏପରି ପୋଷ୍ଟ କରାଯାଇଛି । ଏହା ପରୋକ୍ଷରେ ନିର୍ବାଚନରେ ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତାଙ୍କ ଉପରେ କୁପ୍ରଭାବ ପକାଇଛି । ଏପରି ପୋଷ୍ଟ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ମଧ୍ୟ କରୁଛି । ଗୋଟିଏ ନିର୍ବାଚିତ ସରକାର ବିରୋଧରେ ଆପ୍ ଅତ୍ୟନ୍ତ ଅସଭ୍ୟ ଓ ତର୍କହୀନ ଶବ୍ଦ ପ୍ରୟୋଗ କରିଥିବା ବିଜେପି ଅଭିଯୋଗ କରିଥିଲା । ଏହି ଅଭିଯୋଗକୁ ଆଧାର କରି ଇସି ଆଜି ଆପ୍ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ସୋଶାଲ ମିଡିଆ ପୋଷ୍ଟରେ କରାଯାଇଥିବା ଦାବି ଉପରେ ସ୍ପଷ୍ଟୀକରଣ ରଖିବାକୁ କହିଛନ୍ତି ।

## ଶ୍ରୀମନ୍ଦିରରେ ପାନ, ଗୁଟଖା ମନା: ଜାନୁୟାରୀ ପହିଲାରୁ ନିୟମ କଡ଼ାକଡ଼ି



ପୁରୀ , ୧୪/୧୧ (ନି.ପ୍ର): ନୂଆ ବର୍ଷରୁ ଲାଗୁ ହେବ ନୂଆ ନିୟମ । ଜାନୁୟାରୀ ପହିଲାରୁ ଶ୍ରୀମନ୍ଦିର ପରିସରରେ ପାନ, ଗୁଟଖାକୁ କରାଯିବ ସମ୍ପୂର୍ଣ୍ଣ ନିଷେଧ । ଏଥିନିମନ୍ତେ ଆଜିଠୁ ସମସ୍ତଙ୍କୁ ସଚେତନ କରାଯିବ । ଏନେଇ ଛତିଶା ନିଯୋଗକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି । ପୁରୀ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥାନ୍ତି । ମାତ୍ର ଭିତରେ ପାନ, ଗୁଟଖା ଖାଇ ଲୋକେ ଛେପ ପକାଉଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏହି ନିୟମ ପ୍ରଣୟନ କରିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ବି ପାନ, ଗୁଟୁଖା ଖାଇ ମନ୍ଦିରରେ ପ୍ରବେଶ ଉପରେ ନିଷେଧାଦେଶ ଲାଗୁ କରାଯାଇଥିବା ବେଳେ ଧରା ପଡ଼ିଲେ ଫାଇନ୍ ବ୍ୟବସ୍ଥା ଲାଗୁ ହୋଇଥିଲା । ମାତ୍ର କେହି ଏହାକୁ ଖାତିର କଲେନି । ଫଳରେ ମନ୍ଦିର ଭିତରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏଥିସହ ଆଉ ଦେଢ ମାସ ପରେ ଅର୍ଥାତ ଜାନୁୟାରୀ ପହିଲାରୁ ଏହି ନିୟମକୁ କଡ଼ାକଡ଼ି ଲାଗୁ କରାଯିବ । ମନ୍ଦିରକୁ ପ୍ରବେଶ କରୁଥିବା ଭକ୍ତ, ପୂଜକ, ସେବାୟତ, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ କର୍ମଚାରୀ, ପୁଲିସ୍ କର୍ମଚାରୀ ସମସ୍ତଙ୍କ ପାଇଁ ଏହି ନିୟମକୁ ସମାନ ଭାବେ ଲାଗୁ କରାଯିବ ବୋଲି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି ।

## ଉତ୍ତରକାଶୀର ଟନେଲରେ ଫସିଥିବା ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଚାଲିଛି ପ୍ରାଣମୂର୍ଚ୍ଛା ପ୍ରୟାସ



ନୂଆଦିଲ୍ଲୀ, ୧୪/୧୧ : ଉତ୍ତରାଖଣ୍ଡ, ଉତ୍ତରକାଶୀରେ ଟନେଲ ମାଟି ଅତଡ଼ା ଖସିବା ଘଟଣାର ଆରମ୍ଭ ହେଲା ଅନୁସନ୍ଧାନ । ଭୁଶୁଡ଼ିବା କାରଣ ଅନୁସନ୍ଧାନ କରିବା ପାଇଁ ଉତ୍ତରାଖଣ୍ଡ ସରକାର ଗଠନ କଲେ ୬ ଜଣିଆ ବିଶେଷଜ୍ଞ କମିଟି । ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳ ଯାଞ୍ଚ କରିବ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦାଖଲ କରିବେ । ସେପଟେ କନକ ନ୍ୟୁଜକୁ ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ସଚିବ ରଞ୍ଜିତ ସିହ୍ନା ସୂଚନା ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି, ୨୬ରୁ ୩୦ ଘଂଟା ଭିତରେ ଫଶିଥିବା ଶ୍ରମିକ ଉଦ୍ଧାର ହେବେ ବୋଲି କହିଛନ୍ତି । ୪୮ ଘଂଟାରୁ ଅଧିକ ସମୟ ଧରି ଫସିରହିଛନ୍ତି ୪୦ରୁ ଅଧିକ ଶ୍ରମିକ । ଶ୍ରମିକଙ୍କୁ ବାହାର କରିବା ପାଇଁ ଏକ ସୁରକ୍ଷିତ ମାର୍ଗ ପ୍ରସ୍ତୁତ କରାଯାଉଛି । ରବିବାର ମାଟି ଅତଡା ଭୁଷୁଡି ପଡିବାରୁ ନିର୍ମାଣାଧିନ ଟନେଲରେ ଫସି ଯାଇଥିଲେ ଶ୍ରମିକମାନେ । ତେବେ ସମସ୍ତ ଶ୍ରମିକ ସୁରକ୍ଷିତ ଥିବା ସୂଚନା ଦେଇଥିଲେ ଉତରାଖଣ୍ଡ ସରକାର । ଆଉ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବାକୁ ଜାରି ରହିଛି ପ୍ରୟାସ, ଟନେଲରୁ ମାଟି ଓ ପଥର ହଟାଇବାକୁ ବଡ ବଡ ବୁଲଡୋଜର ଲଗାଯାଇଛି । ଫସି ରହିଥିବା ଶ୍ରମିକଙ୍କ ମଧ୍ୟରେ ଅଛନ୍ତି ୫ ଓଡିଆ । ସେପଟେ ଉତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ପୁଣି ଥରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

➩ଦିଲ୍ଲୀ ମେଟ୍ରୋକୁ ଦିଆଗଲା ଭୁବନେଶ୍ୱର ମେଟ୍ରୋ ନିର୍ମାଣ ଦାୟିତ୍ୱ

➩୧୫୬କୋଟିରେ ବ୍ରହ୍ମପୁର ରିଂ ରୋଡ୍ ନିର୍ମାଣ

➩ଜାଭିୟରକୁ ଗୋଠପାଟଣାରେ ମାଗଣା ୯ଏକର ଜମି



ନୂଆଦିଲ୍ଲୀ, ୧୪/୧୧ : ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ଟ୍ରେନ ନିର୍ମାଣ ଦାୟିତ୍ୱ ନ୍ୟସ୍ତ ହୋଇଛି । ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ହେବ । ଏଥିପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ୩୨୬.୫୬ କୋଟି ଟଙ୍କାର ଫି’ ଦିଆଯିବ । ରାଜ୍ୟ କ୍ୟାବିନେଟ୍ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରସ୍ତାବ ସମେତ ୧୧ଟି ବିଭାଗର ମୋଟ ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ଆଜି ମଞ୍ଜୁରୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଭୁବନେଶ୍ୱର ବିମାନ ବନ୍ଦରଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ନିର୍ମାଣ ନିମନ୍ତେ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ଟର୍ଣ୍ଣ କି କନ୍ସଲଟାଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ମୋଟ ୫୯୨୯.୩୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକୁ ୪ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ୨୬କିମି ଦୂରତ୍ୱ ମଧ୍ୟରେ ମୋଟ ୨୦ଟି ମେଟ୍ରୋ ଷ୍ଟେସନ ନିର୍ମାଣ କରାଯିବ । ଅତ୍ୟାଧୁନିକ ରେଳ କୋଚ୍ ବ୍ୟବହାର କରାଯିବ । ଅତ୍ୟାଧୁନିକ ଟିକେଟ୍ ବ୍ୟବସ୍ଥା ▶▶ପୃଷ୍ଠା ୭

# ରାଜନୈତିକ ଦଳଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ: ନଭେମ୍ବର ୧୫ ସୁଦ୍ଧା ଦାଖଲ କର ପାଣ୍ଠି ବିବରଣୀ




ନୂଆଦିଲ୍ଲୀ, ୧୪/୧୧ : ଆସନ୍ତାକାଲି ଅର୍ଥାତ ବୁଧବାର ଅପରାହ୍ନ ୫ଟା ସୁଦ୍ଧା ଆର୍ଥିକ ଅନୁଦାନର ସମ୍ପୂର୍ଣ୍ଣ ବିବରଣୀ ରଖିବେ ରାଜନୈତିକ ଦଳ । ଇଲେକ୍ଟୋରାଲ୍ ବଣ୍ଡ ବା ନିର୍ବାଚନ ବଣ୍ଡ ମାଧ୍ୟମରେ ପାଇଥିବା ଆର୍ଥିକ ଅନୁଦାନର ସମସ୍ତ ବିବରଣୀ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ ଆୟୋଗ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଇଲେକ୍ସନ କମିଶନ ରାଜନୈତିକ ଦଳମାନଙ୍କୁ ଆଉ ଥରେ ଏନେଇ ଅବଗତ କରାଇଛନ୍ତି । ନଭେମ୍ବର ୧୫ ଅପରାହ୍ନ ୫ଟା ସୁଦ୍ଧା ସମସ୍ତ ବିବରଣୀ ନିର୍ବାଚନ ଆୟୋଗରେ ଦାଖଲ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଆର୍ଥିକ ଅନୁଦାନ ଦେଇଥିବା ଡୋନରଙ୍କ ନାମ ସମେତ ଅର୍ଥ ପରିମାଣ ଏବଂ ପ୍ରତ୍ୟେକ ବଣ୍ଡର ବ୍ୟାଙ୍କ ବିବରଣୀକୁ ଡବଲ୍ ସିଲ୍ କଭର କରି ଦାଖଲ କରିବାକୁ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ ଆୟୋଗ । ସୂଚନା ଅନୁସାରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନେଇଛନ୍ତି ଇଲେକ୍ସନ୍ କମିଶନ । ନଭେମ୍ବର ୨ରେ ସୁପ୍ରିମକୋର୍ଟ, ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ସମସ୍ତ ରାଜନୈତିକ ଦଳ ନିର୍ବାଚନ ବଣ୍ଡ ମାଧ୍ୟମରେ ପାଉଥିବା ଆର୍ଥିକ ଅନୁଦାନର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ କହିଥିଲେ । ସୁପ୍ରିମକୋର୍ଟ କହିଥିଲେ, ସେପ୍ଟେମ୍ବର ୩୦, ୨୦୨୩ ସୁଦ୍ଧା ଏସବୁ ତଥ୍ୟ ଦାଖଲ ହେବା ଉଚିତ୍ । ନିର୍ବାଚନ ବଣ୍ଡ ଯୋଜନା ଆରମ୍ଭ ହେବା ପରଠାରୁ ମିଳିଥିବା ସମସ୍ତ ଦାନର ବିବରଣୀ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ । ଏହାପରେ ନଭେମ୍ବର ୩ରେ ନିର୍ବାଚନ ଆୟୋଗ ଏନେଇ ରାଜନୈତିକ ଦଳର ଅଧକ୍ଷ, ସାଧାରଣ ସଚିବ ଏବଂ କୋଷାଧକ୍ଷଙ୍କୁ ଚିଠି ଲେଖି ଜଣାଇଥିଲେ ।

## ବିଶ୍ୱକପ୍ ସେମିଫାଇନାଲ୍ ପାଇଁ କାଉଣ୍ଟଡାଉନ୍ ଆରମ୍ଭ: ୱାଙ୍ଖେଡେରେ ମୁହାଁମୁହିଁ ହେବେ ଭାରତ-ନ୍ୟୁଜିଲ୍ୟାଣ୍ଡ




ନୂଆଦିଲ୍ଲୀ, ୧୪/୧୧ : ଆସନ୍ତାକାଲି ମହାଲଢ଼େଇ । ୧୪୦ କୋଟି ଭାରତୀୟଙ୍କ ନଜରରେ ରହିଛି ଭାରତ-ନ୍ୟୁଜିଲ୍ୟାଣ୍ଡର ସେମିଫାଇନାଲ୍ ମ୍ୟାଚ୍ । ମୁମ୍ବାଇର ୱାଙ୍ଖେଡେରେ ମୁହାଁମୁହିଁ ଦୁଇ ପାୱାର ହାଉସ । ୧୨ ବର୍ଷ ପରେ ପୁଣି ଟାଇଟଲ୍ ଅପେକ୍ଷାରେ ମେନ୍ ଇନ୍ ବ୍ଲୁ । ମ୍ୟାଚ୍କୁ ନେଇ ଆରମ୍ଭ ହୋଇଗଲାଣି କାଉଂଟଡାଉନ୍ । କ୍ରୀଡ଼ାପ୍ରେମୀ ଅନେକ ଉତ୍ସାହ ଓ ଉକ୍ରଣ୍ଠା ସହ ଏହି ମ୍ୟାଚକୁ ଅପେକ୍ଷା କରି ରହିଛନ୍ତି । ରାଉଣ୍ଡ ରବିନ୍ରେ ଲଗାତର ୯ଟି ମ୍ୟାଚ୍ ଜିତି ଅପରାଜେୟ ଥିବା ଟିମ୍ ଇଣ୍ଡିଆ ଧାରା ବଜାୟ ରଖି ଟାଇଟଲ୍ ରାଉଣ୍ଡରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି । ସେପଟେ ପୁଣିଥରେ ଭାରତକୁ ସେମିଫାଇନାଲ୍ରେ ହରାଇ କ୍ରମାଗତ ତୃତୀୟଥର ବିଶ୍ୱକପ୍ ଫାଇନାଲ୍ ପାଇଁ ଅଂଟା ଭିଡ଼ି କିୱି ଟିମ୍ । ୨୦୧୯ରେ ମାଂଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ମହେନ୍ଦ୍ର ସିଂ ଧୋନୀଙ୍କ ସେହି ରନ୍ ଆଉଟ୍ ଭାରତର ସବୁ ଆଶା ଶେଷ କରିଦେଇଥିଲା । ସେହି ଦୁଃଖଦ ବିଦାୟକୁ ଏବେବି ଭୁଲିପାରିନାହାନ୍ତି ଭାରତୀୟ କ୍ରିକେଟ୍ ପ୍ରେମୀ । କେବଳ ଭାରତୀୟ ନୁହେଁ, ନିଜେ ଧୋନୀ ମଧ୍ୟ ରନ୍ ଆଉଟ୍ ପରେ ନିଜ ଭାବନାକୁ କାବୁ କରିପାରିନଥିଲେ । ଏବେ ପୁଣିଥରେ ଦୁଇ ଦଳ ମୁହାଁମୁହିଁ ହେଉଛନ୍ତି । କିନ୍ତୁ ଏଥର ଅଲଗା ପରିବେଶ, ଦୃଢ଼ ମନୋବଳ ସହ ମଇଦାନକୁ ଓହ୍ଲାଇବ ଭାରତ । କାରଣ ସବୁ ବିଭାଗରେ ଶତପ୍ରତିଶତ ପ୍ରଦର୍ଶନ କରିଛି ଭାରତ । ସବୁଯାକ ମ୍ୟାଚ୍ଟୁ ଏକତରଫା ଭାବେ ଜିତିଛି ଭାରତ । କିନ୍ତୁ ସେମିଫାଇନାଲ୍ ଚାପକୁ ଭାରତ କିଭଳି ସାମ୍ନା କରୁଛି, ତା’ ଉପରେ ସମସ୍ତଙ୍କ ନଜର । ଚଳିତ ବିଶ୍ୱକପ୍ରେ ଭାରତର ▶▶ପୃଷ୍ଠା ୭

# ଆର୍ନ୍ତଜାତୀୟ ପୃଷ୍ଟି ଶସ୍ୟ ସମ୍ମିଳନୀ: କୋରାପୁଟର ସବିତା ରାଉତଙ୍କୁ ଦ୍ୱିତୀୟ ସ୍ଥାନ



ଜୟପୁର, ୧୪/୧୧ (ନି.ପ୍ର): ଭୁବନେଶ୍ୱରରେ ଗତ ୯ ତାରିଖ ଠାରୁ ଅନୁଷ୍ଠିତ ୨ ଦିନିଆ ଆର୍ନ୍ତଜାତୀୟ ପୃଷ୍ଟି ଶସ୍ୟ ସମ୍ମିଳନୀରେ କୋରାପୁଟ ଜିଲ୍ଲାର ସବିତା ରାଉତ ମାଣ୍ଡିଆରେ ତିଆରି ଖାଦ୍ୟ ଶସ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଶ୍ୱସ୍ତରରେ ୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେ ଏହି ପୁରସ୍କାର ଲାଭ କରି କୋରାପୁଟ ଜିଲ୍ଲା ତଥା ଓଡିଶାର ନାଁକୁ ଗୌରବ ଓସମ୍ମାନ ଆଣି ଦେଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଶ୍ରୀମତି ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ସମୟରେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମୁଖ କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମନ୍ଦିର ଖେଚୁଡ଼ି, ଅଳସୀ ମାଣ୍ଡୁର ପିଠା, ବାଜରା ହବିଷ ଡାଲମା ଇତ୍ୟାଦି ପ୍ରସ୍ତୁତ କରି ଶ୍ରୀମତି ରାଉତ ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେ ଏହି ପୁରସ୍କାର ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଭଗବାନ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଆଗଲପୁର ବ୍ଲକସ୍ତରୀୟ ଜନଜାଗରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବଲାଙ୍ଗିର , ୧୪/୧୧ (ନି.ପ୍ର): ଶ୍ରୀ ରାମ ଜନ୍ମଭୂମି ଅଯୋଧାରେ ୨୨ ଜାନୁୟାରୀ ୨୦୨୪ରେ ଭଗବାନ ଶ୍ରୀରାମଲାଲାଜୀଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଆଗଲପୁର ବ୍ଲକର ଘରେ ଘରେ ପହଂଚାଇବା ପାଇଁ ଏକ ପ୍ରସ୍ତୁତି ବୈଠକ ସାଲେଭଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଜାଗରଣ କାର୍ଯ୍ୟକ୍ରମର ବ୍ଲକ ସହସଂଯୋଜକ କଉସ୍ତଭ ଜାଲ ଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଆଗଲପୁର ଖଣ୍ଡ ପାଳକ ଯୋଗୀନ୍ଦ୍ର ଦାଶ ଯୋଗଦେଇଥିଲେ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଦ୍ୱାରା ନିର୍ଦ୍ଧାରିତ ପ୍ରାଣପ୍ରତିଷ୍ଠା ଦିବସରେ ଭାରତବର୍ଷର ସମସ୍ତ ଗ୍ରାମକୁ ଅଯୋଧାସଦୃଶ ସଜାଇ ଆଧାତ୍ମିକ ପରିବେଶ ପ୍ରଦାନ କରାଯିବାକୁ ସ୍ଥିର କରାଗଲା। ସନ୍ଧ୍ୟାରେ ପ୍ରତି ପରିବାରରେ ୫ଟି ବା ତଦୂର୍ଦ୍ଧ୍ୱ ଦୀପ ପ୍ରଜ୍ୱଳନ କରାଯିବ । ଏହି ଅବସରରେ ବ୍ଲକର ସମସ୍ତ ୨୦ଟି ପଂଚାୟତ ସଂଯୋଜକ ଓ ସହସଂଯୋଜକ ମନୋନୀତ କରାଯାଇଥିଲା । ଏହି ବୈଠକରେ ବ୍ଲକର ବିଭିନ୍ନ ଅଂଚଳରୁ ପ୍ରେମେନ୍ଦ୍ର କୁମାର ସାହୁ , ଅଶୋକ କୁମାର ମିଶ୍ର , ଆନନ୍ଦ ଚନ୍ଦ୍ର ପସାୟତ, ନନ୍ଦଲାଲ ନାଗ, ବିଜୟ କୁମାର ସରାଫ, କୃଷ୍ଣ କୁମାର ମିଶ୍ର, ରମେଶ ଚନ୍ଦ୍ର ତ୍ରିପାଠୀ, ବାସୁଦେବ ପଟ୍ଟନାୟକ,ଶିବ ବଢେଇ , ସମୀର ସାହୁ, ସୁରେନ୍ଦ୍ର କୁମାର ବନଛୋର, ଦୁଷ୍ମନ୍ତ ବେହେରା, ମାଧବ ନାଏକ, ସତ୍ୟବାନ୍ ପସାୟତ, ପ୍ଲାବିନୀ ପଟେଲ ,କଉଶଲ୍ୟା ସିଂବାବୁ, ଜ୍ୟୋତିର୍ମୟୀ ନାୟକ, ଜ୍ୟୋସ୍ନାମୟୀ ମହାଲିଙ୍ଗ, ସଂଯୁକ୍ତା ପଟେଲ, ମହାଦେବ ମେହେର ଆଦି ଯୋଗଦେଇଥିଲେ । ଶେଷରେ ଶାନ୍ତିପାଠ ସହ ବୈଠକ ଶେଷ କରାଯାଇଥିଲା ।

ଗରିବ, ବୃଦ୍ଧ ଏବଂ ବଂଚିତ ଲୋକଙ୍କ ସହିତ ପାଳନ କଲା ଦୀପାବଳି ,ସହଯୋଗ ଫାଉଣ୍ଡେସନ

ବଲାଙ୍ଗିର ୧୩ ନଭେମ୍ବର ( ହି ସ)ଏକ ହୃଦୟସ୍ପର୍ଶୀ ପଦକ୍ଷେପରେ, ବଲାଙ୍ଗୀର ର ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍ ସୋନେପୁର ରୋଡ଼ ନିକଟରେ ନାରାୟଣ କଲୋନୀର ବସ୍ତିରେ ରହୁଥିବା ପରିବାର ପାଇଁ ଦୀପାବଳିର ଆଲୋକ ଆଣିଥିଲା । ଏହି ଉତ୍ତମ ପ୍ରୟାସ ଲକ୍ଷ୍ୟ ରଖିଥାଏ ସମସ୍ତଙ୍କୁ ଆଲୋକର ପର୍ବର ଆନନ୍ଦ ବାଣ୍ଟନ୍ତି ଯେଉଁମାନେ ପ୍ରାୟତ ଅବହେଳିତ ହୋଇ ସବୁ ବେଳେ ରହିଥାନ୍ତି ।

ଦୀପାବଳି ରେ ବସ୍ତି ବାସିନ୍ଦାଙ୍କ ପାଇଁ ଏକ ସ୍ମରଣୀୟ ଉତ୍ସବରେ ପରିଣତ କରିବା ପାଇଁ ସ୍ମାଇଲ ଫର୍ ଅଲ କାର୍ଯ୍ୟକ୍ରମ ଅନ୍ତର୍ଗତ ସହଯୋଗ ଫାଉଣ୍ଡେସନ୍ ଶିଶୁ ଏବଂ ବୃଦ୍ଧମାନଙ୍କ ପାଇଁ ମିଠା ଏବଂ ଦୀପ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ବିଭିନ୍ନ ପ୍ରତିଯୋଗିତା ଗତକାଲି ଆୟୋଜନ କରିଥିଲା। ନାରାୟଣ କଲୋନୀ ର ସମସ୍ତ ପରିବାର ଏହି ପର୍ବକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ .ଏହି କାର୍ଯ୍ୟକ୍ରମ ହସ ଏବଂ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିଲା ଯେପରି ସେମାନେ ପୂର୍ବରୁ କେବେ ଅନୁଭବ କରିନଥିଲେ । କଲୋନୀ ଲୋକଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରଙ୍ଗୋଲି ଦୀପାବଳି ସନ୍ଧ୍ୟାକୁ ଅଧିକ ରଙ୍ଗୀନ କରିଥିଲା ।ଏହି ପଦକ୍ଷେପ ମାଧ୍ୟମରେ, ସହଯୋଗ ଫାଉଣ୍ଡେସନ୍ କେବଳ ଉତ୍ସବର ଆନନ୍ଦ ପାଳନ କରିନଥିଲା ବରଂ ଅନ୍ତର୍ଭୂକ୍ତି କରଣ ଏବଂ ସମ୍ପ୍ରଦାୟର ଆତ୍ମା ଉପରେ ମଧ୍ୟ ଆଲୋକ ପାତ କରିଥିଲା । ଅନ୍ଧକାର ଉପରେ ଆଲୋକର ବିଜୟର ବାର୍ତ୍ତା ପାଇଁ ଜଣାଶୁଣା ଦୀପାବଳି ଏକ ଗଭୀର ଅର୍ଥ ଗ୍ରହଣ କଲା ଯେହେତୁ ଆଶା ଏବଂ ଏକତା ପାଳନ କରିବାକୁ ସମ୍ପ୍ରଦାୟ ଏକତ୍ରିତ ହେଲା । ସାଧାରଣତ ଲୋକମାନେ ଦୀପାବଳି ଦିନ ନିଜ ଘର ଏବଂ କାର୍ଯ୍ୟାଳୟ କୁ ସଜାଇବାରେ ବ୍ୟସ୍ତ ଥିବାବେଳେ ସହଯୋଗ ଫାଉଣ୍ଡେସନ ର ପରିଶ୍ରମୀ କର୍ମୀ ତଥା କାର୍ଯ୍ୟକ୍ରମର ସଂଯୋଜକ ରାମନାରାୟଣ ଦାଶ, ଆର୍ତତ୍ରାଣ ପାଢ଼ୀ, କମଲ ଚୌଧରୀ , ଡକ୍ଟର ପଂଚାନନ ପ୍ରଧାନ ଏବଂ ରତନ ଅଗ୍ରୱାଲ ବହୁତ ସାହାଯ୍ୟ କରିଥିଲେ। ସହଯୋଗ ଫାଉଣ୍ଡେସନର ସମ୍ପାଦିକା ପିଙ୍କି ମୋଦୀ କହିଛନ୍ତି ଯେ ଏହି ଉତ୍ସାହଜନକ କାର୍ଯ୍ୟକ୍ରମ ଏକ ସ୍ମାରକ ରୂପେ କାର୍ଯ୍ୟ କରିଥାଏ, ଉତ୍ସବ କେବଳ ମହାନତା ନୁହେଁ, ସମାଜର ପ୍ରତ୍ୟେକ କୋଣ ଅନୁକୋଣରେ ସୁଖ ବିସ୍ତାର କରିବା ସହିତ ଉତ୍ସବରେ କାହାକୁ ଛାଡି ଦିଆଯିବା ଉଚିତ ନୁହେଁ ବୋଲି ମତ ପ୍ରକାଶ କରିଥିଲେ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୪/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର ,ଏବିଡିଓ ମନୋଜ ନାୟକ, ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିସା, ସରପଂଚ ଅନ୍ୟ ଲାଇନ ର ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରୀ ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅତିଥି ମାନେ ଉପସ୍ଥିତ ରହି ସଚେତନ କରିଥିଲେ ।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ୨୦୧୩ର ଭିଏଡବ୍ଲ୍ୟୁ ନିଯୁକ୍ତି ବିଜ୍ଞପ୍ତି ଓ ଚୟନ ପ୍ରକ୍ରିୟା ରଦ୍ଦ



କଟକ, ୧୪/୧୧ (ନି.ପ୍ର): ଚୁକ୍ତିଭିତ୍ତିକ ଭିଲେଜ୍ ଏଗ୍ରିକଲଚର ୱାର୍କର ବା ଗ୍ରାମ୍ୟ କୃଷି କର୍ମୀ (ଭିଏଡବ୍ଲୁ) ନିଯୁକ୍ତି ପାଇଁ ୨୦୧୩ ଅକ୍ଟୋବର ୪ରେ ବଲାଙ୍ଗୀର ରେଞ୍ଜ କୃଷି ଉପ-ନିର୍ଦ୍ଦେଶକ ଜାରି କରିଥିବା ବିଜ୍ଞପ୍ତି ଓ ଏହି ବିଜ୍ଞପ୍ତି ଆଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ହାଇକୋର୍ଟଙ୍କ ୨୦୦୮ ଅଗଷ୍ଟ ୧୪ ଓ ୨୦୧୨ ଫେବ୍ରୁଆରି ୩ର ନିର୍ଦ୍ଦେଶ ଉଲ୍ଲଂଘନ ହୋଇଥିବା ବେଳେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାରୁ ଆବେଦନକାରୀମାନେ ବଞ୍ଚିତ ହୋଇଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିରେ ପ୍ରତି ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଏକ ମାସ ଭିତରେ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮ ଅଗଷ୍ଟ ୧୪ ଓ ୨୦୧୨ ଫେବ୍ରୁଆରି ୩ର ନିର୍ଦ୍ଦେଶ ଅନୁସାରେ ସରକାରଙ୍କ ତରଫରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇ ନଥିବାରୁ ଆବେଦନକାରୀ ଭିଏଡବ୍ଲୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସୁଯୋଗ ପାଇ ପାରି ନଥିଲେ ଓ ନିଜ ଜୀବିକା ହରାଇଥିଲେ। ଏଭଳି ସ୍ଥିତିରେ ହରପ୍ରିୟା ନନ୍ଦ ମାମଲାର ରାୟ ଅନୁସାରେ ଆବେଦନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଫୁଲ୍ଲ କୁମାର ପୁରୋହିତ ଓ ଅନ୍ୟ ୫ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ରେଞ୍ଜ କୃଷି ଉପ-ନିର୍ଦ୍ଦେଶକଙ୍କ ପକ୍ଷରୁ ୨୦୧୩ ଅକ୍ଟୋବର ୪ରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଭିଏଡବ୍ଲୁ ପଦରେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନେ ଚାକିରି ହରାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୦୮, ମେ ୧୮ରେ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ଚୁକ୍ତିଭିତ୍ତିକ ପୁରୁଷ ଓ ମହିଳା ଭିଏଡବ୍ଲୁ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଭିଏଡବ୍ଲୁଙ୍କ ନିଯୁକ୍ତି ସଂପର୍କିତ ନିୟମାବଳୀ ଓ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ୨୦୦୮ ଅଗଷ୍ଟ ୧୪ରେ ହାଇାକୋର୍ଟ ନିଯୁକ୍ତି ବିଜ୍ଞପ୍ତିକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସଂଶୋଧିତ ବିଜ୍ଞପ୍ତି ଜାରି କରାଯାଇ ନଥିଲା। ଅନ୍ୟପକ୍ଷରେ ବିଭିନ୍ନ ଜିଲ୍ଲାରେ ଭିଏଡବ୍ଲୁ ପଦ ପୂରଣ ପାଇଁ କୃଷି ଉପନିର୍ଦ୍ଦେଶକଙ୍କ ପକ୍ଷରୁ ୨୦୦୮ ଡିସେମ୍ବର ୫ରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୁଣି ଏହି ପ୍ରସଂଗ ହାଇକୋର୍ଟରେ ପହଞ୍ଚିଥିଲା। ୨୦୧୨ ଫେବ୍ରୁଆରି ୩ରେ ହାଇକୋର୍ଟ ଏପରି ସାନି ବିଜ୍ଞପ୍ତିକୁ ରଦ୍ଦ କରିଥିଲେ। ପୂର୍ବ ନିର୍ଦ୍ଦେଶ ସହିତ ଭିଏଡବ୍ଲୁ ନିଯୁକ୍ତି ନିୟମାବଳୀର ଉଲ୍ଲଂଘନ ସ୍ପଷ୍ଟ ହେବା ପରେ ହାଇକୋର୍ଟ ନିଯୁକ୍ତି ବିଜ୍ଞପ୍ତିକୁ ରଦ୍ଦ କରିଥିଲେ। ସର୍ବାଧିକ ବୟସ ସୀମା କୋହଳ ପ୍ରସଂଗକୁ ନେଇ ଆବେଦନକାରୀମାନେ ସରକାରଙ୍କ ନିକଟରେ ଆବେଦନ କରି ପାରିବେ ବୋଲି ହାଇକୋର୍ଟ କହିଥିଲେ। ୨୦୦୮ ଅଗଷ୍ଟ ୮ ଓ ୨୦୧୨ ଫେବ୍ରୁଆରି ୩ର ନିର୍ଦ୍ଦେଶ ପାଳନ କରିବା ପରିବର୍ତ୍ତେ ଚୁକ୍ତିଭିତ୍ତିକ ଭଏଡବ୍ଲୁ ପଦ ପୂରଣ ପାଇଁ କୃଷି ଉପନିର୍ଦ୍ଦେଶକଙ୍କ ତରଫରୁ ଜିଲ୍ଲାସ୍ତରରେ ୨୦୧୩, ଅକ୍ଟୋବର ୪ରେ ସାନି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।

# ରାଇରଙ୍ଗପୁରଠାରେ ଉପଖଣ୍ଡସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର, ୧୪/୧୧ (ନି.ପ୍ର): ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ତଥା ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ା.ରବୀନ୍ଦ୍ର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୬୪ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୪୯ଟି ବ୍ୟକ୍ତିଗତ ସମସ୍ୟାଭିତିକ ଏବଂ ୧୫ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାଭିତିକ ସାମୁହିକ ଅଭିଯୋଗ ଥିଲା। ଗ୍ରହଣ ହୋଇଥିବା ଆପତି ଅଭିଯୋଗ ମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ଅଭିଯୋଗର ଗୁରତ୍ୱକୁ ବିଚାର କରି ୩ ଜଣ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ରୁ ପ୍ରତ୍ୟେକଙ୍କୁ ୫୦୦୦/- ଟଙ୍କା ଲେଖାଏଁ ମୋଟ ୧୫୦୦୦/-ଟଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ବଲାଙ୍ଗିର କୋର୍ଟ ପରିସରରେ ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗିର, ୧୪/୧୧ (ନି.ପ୍ର): ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସିଭିଲ୍ କୋର୍ଟ ପରିସରରେ ବଲାଙ୍ଗିର ଜିଲ୍ଲା ଓ ଦୌରା ଜଜ୍ ଲଲାଟେନ୍ଦୁ ଜେନାଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାର ୨୩ଟି ବିଦ୍ୟାଳୟର ୨ ଜଣ ଲେଖାଏଁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । 'ବିଶ୍ୱ ତାପନ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ଅର୍ଜୁନ କବାଟ ପ୍ରଥମ, ଦେବାଶିଷ କୁମ୍ଭାର ଦ୍ୱିତୀୟ ଓ ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟ ଲୋଇସିଂହାର ରୋହନ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ପୁରସ୍କାର ଓ ମେଡ଼ାଲ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ଚରଣଜିତ ଓରାମ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ସିଂ, ଦିଲ୍ଲୀପ କୁମାର ସିଂଦେଓ ଏବଂ ସୂରଜ ଅଗ୍ରୱାଲ ଯୋଗ ଦେଇଥିଲେ । କୋର୍ଟର ସମସ୍ତ ବିଚାରପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲା କୋର୍ଟର ମୁଖ୍ୟ ପ୍ରଶାସନିକ ଅଧିକାରୀ ବଳରାମ ମେହେର, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ମୁଖ୍ୟ କିରାଣୀ ଦଧିବାମନ ଶତପଥୀ, ଉପ ପ୍ରଶାସକ ଶୁଭ୍ରାଂଶୁ ବାଗ, ସହକାରୀ ପ୍ରଶାସକ ସୁବ୍ରତ କୁମାର ମିଶ୍ର, ସୁଜିତ କୁମାର ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ମେହେର, ନିଶିଗନ୍ଧା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୧୪/୧୧ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ସୂର୍ଯ୍ୟନମସ୍କାର, ଯୋଗାସନ, ଦଣ୍ଡଚାଳନା ଓ ଶଙ୍ଖବାଦନ ପ୍ରତିଯୋଗିତା ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ସକାଳ ୮ଟା ରୁ ଆରମ୍ଭ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସାଧାରଣ ବର୍ଗର ପୁରୁଷ/ମହିଳାମାନେ ଯୋଗଦାନ କରି କୃତିତ୍ୱ ହାସଲ କରିଥିଲେ। ଏଥିରେ ତରୁଣ ପ୍ରଜ୍ଞା ଭାରତୀର ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡାଙ୍କ ସହ ରବୀନ୍ଦ୍ର ମହାରଣା, ପ୍ରମୋଦ ରାଉଳ, ଅଜୟ ମଲ୍ଲିକ, ସୁବାସ ପଣ୍ଡା, ମିନ କେତନ ଦାସ, ହେମନ୍ତ କୁନାର ଚାନ୍ଦ, ଲିପିକା ଦଳେଇ, ବବିତା ମହାରଣା, ମାମିନି ଦାସ, ରିତାଞ୍ଜଳି ଡାକୁଆ, କବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ କୃଷ୍ଣ ରାଓ ଦୋରା, ତିରୁପତି ପାତ୍ର, ରାମ ପ୍ରସାଦ ଦୋରା, ଭାଗିରଥି ପାଣି, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ସୁଶ୍ମିତା ରଥ ପ୍ରମୁଖ ଯୋଗଦାନ କରିଥିଲେ। ଆସନ୍ତା ରବିବାର ଦିନ ସକାଳ ୮ଟାରୁ ପୁଚି, ଗୀତା ଶ୍ଳୋକାବୃତି ଓ ବିଚାର ମଂଚ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ କୃତି ପ୍ରତିଯୋଗୀ ମାନଙ୍କୁ ୧୭ ଡିସେମ୍ବରରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତିଙ୍କ ଠାରୁ ପ୍ରକାଶ।

# ପ୍ରହସନରେ ପରିଣତ ହେଲାଣି ଏମ୍ଏସ୍ପି: ମଣ୍ଡି ଖୋଲୁନି, ଡିଏଲ୍ପିସି ବୈଠକ ବି ହୋଇନି




ଭୁବନେଶ୍ୱର, ୧୪/୧୧ (ନି.ପ୍ର): ମଣ୍ଡି ଖୋଲୁ ନାହାନ୍ତି ସରକାର। ବାଧ ହୋଇ ସଅଳ କିସମ ଧାନକୁ କମ୍ ଦାମ୍‌ରେ ବିକ୍ରି କରୁଛନ୍ତି ଚାଷୀ। ଏପରିକି କୋରାପୁଟ ଚାଷୀ ଛତିଶଗଡ଼ ବ୍ୟବସାୟୀଙ୍କୁ ଧାନ ବିକ୍ରି ପାଇଁ ବାଧ ହେଉଥିବା ଅଭିଯୋଗ ହୋଇଛି। ନଭେମ୍ବର ୧ ତାରିଖରୁ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନେଇ ଯୋଗାଣ ବିଭାଗ ନିଷ୍ପତ୍ତି ନେଇଛି। ହେଲେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ଆଳରେ ଶୀଘ୍ର ଧାନ ଉତ୍ପାଦନ କରୁଥିବା ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର କୌଣସି ସ୍ଥାନରେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ସଂଗ୍ରହ ଆରମ୍ଭ ହୋଇ ନାହିଁ। ବରଗଡ଼ ଏବଂ ସମ୍ବଲପୁରରେ ନଭେମ୍ବର ୨୧, ୨୨ ତାରିଖ, କଳାହାଣ୍ଡି ୨୬ ତାରିଖ, ସୁବର୍ଣ୍ଣପୁରରେ ଡିସେମ୍ବର ୬ ତାରିଖରେ ମଣ୍ଡି ଖୋଲିବ। ସଅଳ ଧାନ କରୁଥିବା ଅନ୍ୟ କୌଣସି ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଏ ପର୍ଯ୍ୟନ୍ତ ହୋଇ ନାହିଁ। ଓୟୁଏଟି ବିଶେଷଜ୍ଞ ଏସ୍ ଆର ଦାସଙ୍କ ଅନୁସାରେ, ରାଜ୍ୟ ସମୁଦାୟ ଚାଷ ଜମିର ୨୦% ମାଳଭୂମି ଅଟେ। ଏସବୁ ସ୍ଥାନରେ ନଭେମ୍ବର ସୁଦ୍ଧା ଛୋଟ ଧାନ ହୋଇଯାଏ। ଏଠାରେ ପାରିଜାତ, ଖଣ୍ଡଗିରି ବିହନ ଉପଯୋଗ କରାଯାଏ। ବରଗଡ଼ ଚାଷୀ ରମେଶ ମହାପାତ୍ରଙ୍କ କହିବା ଅନୁସାରେ, ବରଗଡ଼ ଜିଲ୍ଲା ପଦମପୁର ଉପଖଣ୍ଡରେ ଅକ୍ଟୋବର ମାସରୁ ଉତ୍ପାଦନ ହେଲାଣି। ଏହି ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ଆର୍ଥିକ ସ୍ଥିତି ଏତେ ଦୁର୍ବଳ ଯେ ସେମାନଙ୍କ ପାଖରେ ଗୋଦାମ ନାହିଁ। ଗାଁରେ ମଧ୍ୟ ଧାନ ସଂରକ୍ଷଣର ବ୍ୟବସ୍ଥା ନାହିଁ। ତେଣୁ ଚାଷୀ ବାଧ ହୋଇ ବର୍ତ୍ତମାନ ପ୍ରାୟ ୧୪୦୦ରୁ ୧୫୦୦ ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କଲେଣି। ଅଧିକାଂଶ ଚାଷୀ ଋଣ ଆଣିଥିବା ଦୋକାନୀଙ୍କୁ କେଜି ହିସାବରେ ବିକ୍ରି କରୁଛନ୍ତି। କୋରାପୁଟ ଚାଷୀ ନରେନ୍ଦ୍ର ପ୍ରଧାନଙ୍କ କହିବା ଅନୁସାରେ, ଅଣଜଳସେଚିତ ସବୁ ପଞ୍ଚାୟତରେ ଧାନ ଉତ୍ପାଦିତ ହେଲାଣି। କିନ୍ତୁ ଏଠାରେ ମଣ୍ଡି ଖୋଲିବା ପାଇଁ ତାରିଖ ନିର୍ଦ୍ଧାରଣ ଦୂରର କଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଧ୍ୟ ହୋଇ ନାହିଁ। ଏଥିଯୋଗୁଁ କୁନ୍ଦ୍ରା ବ୍ଲକର ପଖନାଗୁଡ଼ା, କୁନ୍ଦ୍ରା, ଆସନା ସମେତ ବିଭିନ୍ନ ସ୍ଥାନର ଧାନ ସୀମାନ୍ତବର୍ତ୍ତୀ କୋଟପାଡ଼କୁ ଯାଉଛି, ସେଠାରୁ ଛତିଶଗଡ଼ ବ୍ୟବସାୟୀ ଆସି କିଣୁଛନ୍ତି। ପ୍ରତିବର୍ଷ କୋରାପୁଟରେ ଜଳସେଚିତ ଅଞ୍ଚଳର ଧାନ ଉତ୍ପାଦନକୁ ଦୃଷ୍ଟିରେ ରଖି ଡିସେମ୍ବରରେ ମଣ୍ଡି ଖୋଲାଯାଏ। ସେତେବେଳକୁ ଅଧିକାଂଶ ଛୋଟ ଏବଂ ନାମମାତ୍ର ଚାଷୀ ବ୍ୟବସାୟୀଙ୍କୁ ଅଳ୍ପ ଦରରେ ଧାନ ବିକ୍ରି କରି ସାରିଥାଆନ୍ତି। ବଲାଙ୍ଗୀର ଜିଲ୍ଲା ଚାଷୀ ଜତି ପ୍ରଧାନଙ୍କ କହିଛନ୍ତି, ବଲାଙ୍ଗୀର ଜିଲ୍ଲାରେ ନୂଆଁଖାଇ ଠିକ ପରେହିଁ ଅନେକ ସ୍ଥାନରେ ଧାନ ଉତ୍ପାଦନ ହୋଇଯାଏ। ଧାନ ସଂଗ୍ରହ ନିରନ୍ତନ ଭାବେ କରାନଯିବା ପର୍ଯ୍ୟନ୍ତ ଏହି ଅଞ୍ଚଳଗୁଡ଼ିକରେ ଅଭାବୀ ବିକ୍ରି ଜାରି ରହିବ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମଣ୍ଡି ଖୋଲିବା ପାଇଁ ଡିଏଲ୍ପିସି ବୈଠକ ହୋଇ ନାହିଁ। ନୂଆପଡ଼ା ଜିଲ୍ଲାର ସିନାପାଲି, ବୁଡ଼େନ, ଖଡ଼ିଆଳ, ନୂଆପଡ଼ାର କିଛି ସ୍ଥାନରେ ଛୋଟ ଧାନ ଅମଳ ହେଲାଣି। ଏଠାରେ ମଣ୍ଡି ଖୋଲିବା ପାଇଁ ବୈଠକ ମଧ୍ୟ କରାଯାଇନଥିବାରୁ ଚାଷୀ ବ୍ୟବସାୟୀଙ୍କୁ ଏମ୍ଏସ୍ପି ଠାରୁ ଅତି କମ୍ ଦରରେ ଧାନ ବିକୁଛନ୍ତି। ସୁନ୍ଦରଗଡ଼ରେ ମଧ୍ୟ ସମାନ ସ୍ଥିତି ରହିଛି। ଏଠାରେ ଧାନ ଅମଳକ୍ଷମ ହୋଇଥିଲେ ମଧ୍ୟ ଡିଏଲ୍ପିସି ବୈଠକ ହୋଇ ନାହିଁ। ବ୍ୟାପକ ଭାବରେ ଅଭାବୀ ବିକ୍ରି ଚାଲିଛି। ସମ୍ବଲପୁରରେ ଅଣଜଳସେଚିତ ଅଞ୍ଚଳରେ ପ୍ରଥମେ ଧାନ ହୁଏ କିନ୍ତୁ ସେଠାରେ ୨୨ ତାରିଖ ପରିବର୍ତ୍ତେ ଆହୁରି ବିଳମ୍ବରେ ମଣ୍ଡି ଖୋଲୁଛି। ଚାଷୀ ନେତା ଅଶୋକ ପ୍ରଧାନଙ୍କ କହିବା ଅନୁସାରେ, କିଛି ବର୍ଷ ହେଲା ଧାନ ସଂଗ୍ରହ ପ୍ରକ୍ରିୟା ଭୁବନେଶ୍ୱର କେନ୍ଦ୍ରୀକ ହୋଇଥିବାରୁ ଡିଏଲ୍ପିସି ବୈଠକ ଦନ୍ତହୀନ ହୋଇ ପଡ଼ିଛି। ଚାଷୀଙ୍କ ଧାନ ଉତ୍ପାଦନ ସମୟକୁ ନ ଦେଖି ଭୁବନେଶ୍ୱରରୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ମଣ୍ଡି ଖୋଲାଯାଉଛି। ସଅଳ କିସମ ଧାନ ଶୀଘ୍ର ଉତ୍ପାଦିତ ହୋଉଥିବା ନେଇ ସରକାର ଅବଗତ ଥାଇ ମଧ୍ୟ ସେହି ଅନୁଯାୟୀ କାହିଁକି ଶୀଘ୍ର ମଣ୍ଡି ଖୋଲୁନାହାନ୍ତି, ତାହା ବୁଝାପଡୁନାହିଁ। ଏହି କାରଣରୁ ଅଣଜଳସେଚିତ ଅଞ୍ଚଳର ଗରିବ ଚାଷୀ ଏମଏସ୍ପିରୁ ବଞ୍ଚିତ ହୋଇ ଶୋଷିତ ହେଉଛନ୍ତି। ପରବର୍ତ୍ତୀ ସମୟରେ ସ୍ୱଳ୍ପ ଅର୍ଥରେ କିଣାଯାଇଥିବା ଧାନକୁ ବ୍ୟବସାୟୀ ସିଧାସଳଖ ମିଲର୍ସଙ୍କୁ ବିକ୍ରି କରି ଦେଉଛନ୍ତି ଓ ଏଥିରେ ଉଭୟ ଲାଭାନ୍ୱିତ ହୁଅନ୍ତି।

# ପିଲାଙ୍କ ଡାଏଟ୍ ପ୍ଲାନ୍

**ଜନ୍ମରୁ ୩ମାସ:** ଜନ୍ମରୁ ତିନିମାସର ନବଜାତ ଶିଶୁଙ୍କ ପାଇଁ ମା' କ୍ଷୀର ସବୁଠାରୁ ଭଲ। ମା' କ୍ଷୀରରୁ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ମିଳେ। ଏହାକୁ ଶିଶୁକୁ ପାନ କରାଇବା ଦ୍ୱାରା ଶିଶୁ ହୃଷ୍ଟପୃଷ୍ଟ ହୁଏ। ମା' କ୍ଷୀରରେ ସୁରକ୍ଷା ପ୍ରୋଟିନ୍ ରହିଛି, ଯାହା ଶିଶୁକୁ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ। କେହିକେହି ଶିଶୁକୁ ପାଣି, ଫଳ ରସ ଓ ଗ୍ଲୁକୋଜ ମଧ୍ୟ ଦେଇଥାନ୍ତି। ଯାହା ଅନାବଶ୍ୟକ। ମା' କ୍ଷୀର ପିଲାଙ୍କୁ ବିଭିନ୍ନ ପ୍ରକାର ରୋଗ ଓ ପାର୍ଶ୍ୱ ପ୍ରତିକ୍ରିୟାରୁ ମୁକ୍ତି ଦେଇଥାଏ। ଯେଉଁ ଶିଶୁ ନିୟମିତ ମା' କ୍ଷୀର ପାନ କରିଥାଏ ତାଙ୍କଠାରେ ଆଜ୍‌ମା ହେବାର ସମ୍ଭାବନା କମ୍ ଥାଏ। ପିଲା ଜନ୍ମ ନେବାର ୩ମାସପରେ ମା' ଖାଉଥିବା ଭୋଜନ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଏଥିପାଇଁ ପ୍ରସବ ପରେପରେ ମହିଳା ନିଜର ଭୋଜନ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତିନି ମାସରୁ ଶିଶୁକୁ ଆଇରନ ଆବଶ୍ୟକ ହୁଏ। ତେଣୁ ମା' ଆଇରନ



ଯୁକ୍ତ ଖାଦ୍ୟ ଖାଇବା ଦରକାର, ଏହାଦ୍ୱାରା ସ୍ତନପାନ ମଧ୍ୟରେ ଶିଶୁର ଶରୀରକୁ ଆଇରନ ଯିବ।

**୩ ରୁ ୬ମାସ:** ୩ରୁ ୬ ମାସ ଶିଶୁର ଶରୀରରେ ପୋଷକ ଯୁକ୍ତ ଖାଦ୍ୟ ଆବଶ୍ୟକ ହୁଏ। ତେଣୁ ଏହି ସମୟରେ କେବଳ ମା' କ୍ଷୀର ଉପରେ ନିର୍ଭର ନକରି କିଛି ରନ୍ଧାଖାଦ୍ୟ ଦିଅନ୍ତୁ। ସେରେଲାକରୁ ଆରମ୍ଭ କରନ୍ତୁ। ସେରେଲାକରୁ ଭଲଭାବେ ଉଷୁମ ପାଣିରେ ମିଶାଇ ଶିଶୁକୁ ଅଳ୍ପ ଅଳ୍ପ ଦିଅନ୍ତୁ, ଏଥିରୁ ଶିଶୁ ଶରୀରର ବିକାଶ ପାଇଁ ଭରପୂର ପୋଷଣ ମିଳିଥାଏ। ଧୀରେ ଧୀରେ ଶିଶୁକୁ କିଛି ଅଲଗା ଖାଦ୍ୟ ଦିଅନ୍ତୁ। ଯାହା ଆରାମରେ ହଜମ ହୋଇପାରିବ। ଯଦି ଶିଶୁକୁ କିଛି ଭିନ୍ନ ଭିନ୍ନ ଖାଦ୍ୟ ଦେଉଛନ୍ତି, ତାହେଲେ ଗୋଟେ ଖାଦ୍ୟକୁ କେବଳ ଗୋଟିଏ ଥର ନଦେଇ କିଛି ସପ୍ତାହ ଦିଅନ୍ତୁ, ଏହାପରେ ନୂଆ ଆରମ୍ଭ କରନ୍ତୁ। ମାଣ୍ଡିଆ ଚୁନା, ସୁଜି ଓ କଞ୍ଚା କଦଳୀ ପାଉଡ଼ର କ୍ଷୀର



କିମ୍ବା ପାଣିରେ ସିଝାଇ ଶିଶୁଙ୍କୁ ଖାଇବାକୁ ଦେଲେ ଲାଭ ମିଳିଥାଏ। ଶିଶୁ ଟିକେ ବଡ଼ ହୋଇଗଲେ ତାକୁ ଭାତ ଓ ଦହି ଖାଇବାକୁ ଦେଇପାରିବେ। ଶିଶୁଙ୍କ ଫଳରସ ଓ ରାନ୍ଧି ଦେଇପାରିବେ। କାରଣ ଫଳ ଓ ପରିବା ଦ୍ୱାରା ଶିଶୁଙ୍କ ଶରୀରରେ ଆଇରନ ବୃଦ୍ଧି



କରିଥାଏ। ପିଲାଙ୍କୁ ଯଦି ଫଳ ସିଝାଇ ଖାଇବାକୁ ଦେଉଛନ୍ତି ଏହାକୁ ଭଲକରି ସିଝାନ୍ତୁ।

**୬ ରୁ ୮ମାସ:** ଏହି ବୟସରେ ପିଲାମାନେ ନିଜେ ନିଜେ ଖାଇ ଦେଇଥାନ୍ତି, ତେଣୁ ସେମାନଙ୍କୁ ନରାଗି ଉତ୍ସାହିତ କରନ୍ତୁ। ୬ ମାସ ପରେ ଶିଶୁଙ୍କର ଦାନ୍ତ ଉଠିଥାଏ। ଦାନ୍ତ ଉଠିବା



ସହ ସୁଜେଇ ହୋଇଥାଏ। ଏଥିପାଇଁ ଶିଶୁ ଯାହାପରେ ତାହା ପାଟିରେ ପୂରାଇ ଚୋବାଇଥାଏ, ଯାହାପୂରା ମାଢ଼ି ଦରଜ ହୋଇଥାଏ। ଏଥିରୁ ମୁକ୍ତିପାଇବା ପାଇଁ ଶିଶୁଙ୍କୁ ବିସ୍କୁଟ କିମ୍ବା ଟୋଷ୍ଟ ଚୋବାଇବାକୁ ଦିଅନ୍ତୁ। ଏହାକୁ ପିଲା ପାଟିରେ ରଖି ଚୋବେଇଥାଏ। ଏହାଦ୍ୱାରା ଶିଶୁର କିଛି କ୍ଷତି ହୋଇ ନଥାଏ। ଶିଶୁଙ୍କୁ ଆଳୁ ସିଝାଇ ଦେଇ ପାରିବେ । ଯଦି ଚାହାନ୍ତି ଏଥିରେ ଅଳ୍ପ ଲୁଣ ଓ ଗୋଟେ ବୁନ୍ଦା ଲେମ୍ବୁ ରସ ମିଶାଇ ପାରିବେ। ଗାଜର, କୋବି ଓ ପାଳଙ୍ଗ ଭଲଭାବେ ସିଝାଇ ସେଥିରେ ଲୁଣ ମିଶାଇ ଶିଶୁଙ୍କୁ ଖାଇବାକୁ ଦିଅନ୍ତୁ। ଏହି ବୟସରେ ଶିଶୁକୁ ଅଣ୍ଡା ସିଝାଇ ଦେଇ ପାରିବେ। ସପ୍ତାହକୁ ୩ଟି କିମ୍ବା ୪ଟି ଅଣ୍ଡା



ସିଝାଇ ଦେଇପାରିବେ।

**୯ରୁ ୧୦:** ୯ରୁ ୧୦ ମାସ ଶିଶୁକୁ ମାଛ, ଚିକେନ, କଲିଜା ମଟନ ଖାଇବାକୁ ଦେଇ ପାରିବେ। କିନ୍ତୁ ଏହାକୁ ଭଲକରି ସିଝାଇଦେବା ଆବଶ୍ୟକ। ଭଲକରି ସିଝିନଥିଲେ ଶିଶୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ୧୦ ମାସରେ ଶିଶୁର ଓଜନ ପ୍ରଥମ ତୁଳନାରେ ସ୍ଥିର ହୋଇଥାଏ। ଏହି ବୟସରେ ଶିଶୁକୁ କ୍ଷୀର, ବିସ୍କୁଟ ଓ ଫଳ ରସ ଦିଅନ୍ତୁ। ଶିଶୁଙ୍କୁ ସନ୍ତଳିତ ଭୋଜନ ଦିଅନ୍ତୁ। ଏହା ଶିଶୁର ଶରୀରରେ ବିଭିନ୍ନ ପ୍ରକାର ଅଭାବକୁ ଦୂରକରି ଶିଶୁକୁ ଶକ୍ତିଶାଳି କରିଥାଏ। ଯେହେତୁ ପିଲାର ଏ ସମୟରେ ବିକାଶ ହୋଇଥାଏ, ଏଣୁ ଖାଦ୍ୟ ଓ ଚାଲିଚଳନ ପ୍ରତି ଦୃଷ୍ଟିଦେବା ଦରକାର।

**୧୧ ରୁ ୧୨:** ୧୧ମାସ ପରେ ପିଲାର ଓଜନ ପୂର୍ବମାସଗୁଡ଼ିକ ଅପେକ୍ଷା ବଢ଼ିଥାଏ। ଯେତେବେଳେ ପିଲାକୁ ବର୍ଷେ ପୂରେ ତାର ଓଜନ ଜନ୍ମହେବା ଓଜନଠାରୁ ତିନିଗୁଣା ହୋଇଥାଏ। ଏହି ସମୟରେ ପିଲାକୁ କ୍ଷୀର, ବିସ୍କୁଟ ଓ ଫଳ ଜୁସ କରି ଦିଅନ୍ତୁ। ଏକ ମିଶ୍ରିତ ସନ୍ତୁଳିତ ଭୋଜନ ଦିଅନ୍ତୁ। ଏହାଦ୍ୱାରା ପିଲାର ଶରୀରରେ ଦେଖାଦେଉଥିବା ଅଭାବ ଦୂରହେବ।

## ଡିମେନ୍‌ସିଆ ରୋକିବ ଛତୁ



ଛତୁକୁ ଖାଦ୍ୟ ଭାବରେ ଗ୍ରହଣ କଲେ ଡିମେନସିଆ (ସ୍ମୃତିଶକ୍ତି ହ୍ରାସ) ଏବଂ ଆଲଜାଇମର ଭଳି ବୟସ ସହିତ ଜଡ଼ିତ ରୋଗରୁ ମୁକ୍ତି ମିଳିପାରିବ। ଏପରିକି କିଛିକାଳ ଏହି ରୋଗଠାରୁ ଜଣେ ନିଜକୁ ଦୂରେଇ ରଖିପାରିବ ବୋଲି ମାଲୟେସିଆର ମାଲାୟା ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏହି ରୋଗ ସାଧାରଣତଃ ସ୍ନାୟବିକ ସମସ୍ୟାରୁ ହୋଇଥାଏ। ସ୍ନାୟୁ ଉପରେ ଯେଉଁ କାରଣରୁ ପ୍ରତିକୂଳ ପ୍ରଭାବ ପଡ଼ି ଏଭଳି ରୋଗ ସୃଷ୍ଟି ହୋଇଥାଏ, ଛତୁ ଖାଇବା ଦ୍ୱାରା ସେଥିରେ ଥିବା ବାୟୋଆକ୍ଟିଭ ଉପାଦାନ ସେହି ପ୍ରକ୍ରିୟାକୁ ରୋକିବା ସହିତ ଡିମେନସିଆ ଏବଂ ଆଲଜାଇମର ଭଳି ରୋଗଠାରୁ ଦୂରେଇ ରଖିଥାଏ।



## ପାଣି ପିଇବାର ଉପଯୁକ୍ତ ସମୟ



ଦିନକୁ ଚାରି ଲିଟର ପାଣି ଶରୀରକୁ ସୁସ୍ଥ ରଖେ। ଶୋଷ ହେଲେ ତ ପାଣି ପିଇବେ ନିଶ୍ଚିତ କିନ୍ତୁ ପାଣି ପିଇବା ପାଇଁ କିଛି ଉପଯୁକ୍ତ ସମୟ ଅଛି, ଯଦି ସେହି ଅନୁଯାୟୀ ପାଣି ପିଅନ୍ତି, ତେବେ ସୁସ୍ଥ ରହିବେ। ବିଛଣା ଛାଡ଼ିବା ପରେ ଦୁଇ ଗ୍ଲାସ ପାଣି ପିଇବା ଦ୍ୱାରା ଆଭ୍ୟନ୍ତରିଣ ଅଙ୍ଗ ସକ୍ରିୟ ହୁଏ। ଖାଇବାର ଅଧଘଂଟା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ, ଯାହା ହଜମକ୍ରିୟାକୁ ସୁଦୃଢ଼ କରିବ। ଗାଧୋଇବାର ଅଧଘଂଟା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ନିମ୍ନ ରକ୍ତଚାପ ଦୂର ହେବ। ଏକଗ୍ଲାସ ପାଣି ଶୋଇବା ପୂର୍ବରୁ ପିଅନ୍ତୁ, ହୃଦଘାତ ଆଶଙ୍କା ଦୂର ହେବ।

## ଦେଶୀ ଘିଅର ଉପକାରିତା

ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ହିଁ ଦେଶୀ ଘିଅର ବ୍ୟବହାର ବିଭିନ୍ନ ବ୍ୟଞ୍ଜନରେ ହେଉଥିବାର ଦେଖାଯାଏ। ଦୁର୍ବଳ ସ୍ୱାସ୍ଥ୍ୟର ଲୋକେ କିମ୍ବା ଓଜନ ବଢ଼ାଇବାକୁ ଚାହୁଁଥିବା ବ୍ୟକ୍ତି ପ୍ରତ୍ୟହ ୧ ଚାମଚ ଦେଶୀଘିଅ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହା ଶରୀରର ଓଜନ ଉତ୍ତମ ଭାବରେ ବୃଦ୍ଧି କରୁଥିବାର ବିଶେଷଜ୍ଞଙ୍କ ମତ। ଭିଟାମିନ କେ-୨ ଦେଶୀ ଘିଅରେ ଥିବାରୁ ହାଡ଼କୁ ଏହା କ୍ୟାଲସିୟମ ଯୋଗାଇଥାଏ।। ନିୟମିତ ଏହା ଖାଇବା ଦ୍ୱାରା ହାଡ଼ ମଜଭୁତ ହୋଇଥାଏ। ଦେଶୀ ଘିଅ ଖାଇଲେ ଶରୀରରେ ବାଇଲାରି ଲିପିଡର ମାତ୍ରା ବୃଦ୍ଧି ହୁଏ। ଏହାଦ୍ୱାରା ଖରାପ କୋଲେଷ୍ଟୋରଲ ପରିମାଣ ହ୍ରାସ ହୋଇଥାଏ। ପ୍ରତ୍ୟହ ଏହାକୁ ଖାଇଲେ ମହିଳା ଓ ଯୁବତୀଙ୍କ ତ୍ୱଚାରେ ଏକ ଚମକ ଆସିଥାଏ। ଦେଶୀ ଘିଅରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଥିବାରୁ ତ୍ୱଚା ପାଇଁ ଏହା ଉତ୍ତମ ଖୋରାକ୍। ଦେଶୀ ଘିଅର ବ୍ୟବହାର ବିଭିନ୍ନ ବ୍ୟଞ୍ଜନରେ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପ୍ରତିଦିନ ୧ ଗିଲାସ କ୍ଷୀରରେ ଅଧଚାମଚ ଦେଶୀ ଘିଅ ମିଶାଇ ପିଇଲେ ଶରୀର ଥକାପଣ ଦୂରହୁଏ। ବିଶେଷଜ୍ଞଙ୍କ ମତରେ ଦେଶୀ ଘିଅ ଖାଇଲେ ଅମ୍ଳ ରୋଗର ଆଶଙ୍କା



ଦୂରହୁଏ। ମେଦବହୁଳ ରୋଗୀ ଏହା ନଖାଇବା ଉଚିତ। କାରଣ ଏଥିରେ ଫ୍ୟାଟ ଅଧିକ ଥିବାରୁ ତାହା ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ମଧୁମେହ ରୋଗୀ ଅତିବେଶୀରେ ଦିନକୁ ଥରୁଟିଏ ଦେଶୀଘିଅ କୌଣସି ବ୍ୟଞ୍ଜନରେ ବ୍ୟବହାର କରି ଖାଇବା ଉଚିତ। ଅଧିକଥର କିମ୍ବା ଅଧିକ ପରିମାଣର ସେମାନେ ଦେଶୀ ଘିଅ ନ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ। ଅର୍ଶ ରୋଗୀ, ଶ୍ୱାସରୋଗୀ, ହୃଦରୋଗୀମାନେ ଦେଶୀ ଘିଅ ନଖାଇବା ଉଚିତ।

## ବିଦେଶୀ ରାନ୍ଧିବେ ଓଡ଼ିଆ ଖାଦ୍ୟ

ଲୋକପ୍ରିୟ ଖାଦ୍ୟ ଖୁଆଇବା ସହିତ ତାଙ୍କୁ ଓଡ଼ିଆ ଖାଦ୍ୟ ବନାଇବା ପ୍ରଣାଳୀ ଶିକ୍ଷା ଦେବା ଏହି ପ୍ରୋଗର ମୂଳ ଲକ୍ଷ୍ୟ। ୱାଇଲ୍ଡ ଗ୍ରାସ୍ ପୁରୀରେ ଏକ ଇକୋ ଫ୍ରେଣ୍ଡଲି ରେଷ୍ଟୁରାଣ୍ଟ। ୱାଇଲ୍ଡ ଗ୍ରାସ ରେଷ୍ଟୁରାଣ୍ଟ ଏହି କିଚେନ ଟୁରିଜିମ୍ ପ୍ରୋଗ୍ରାମ ଆୟୋଜନ କରିଛି।



ଡାଲମା, ଶାଗମୁଗ, ଖଟା, ଦହି ମାଛଭଳି ଆହୁରି ଅନେକ ଖାଦ୍ୟ ଶିଖିପାରିବେ। ବିଦେଶୀ ପର୍ଯ୍ୟଟକ କିପରି ଆମର ରାଜ୍ୟର ସବୁ ଲୋକମାନଙ୍କ ସହ ଫ୍ରେଣ୍ଡଲି ହୋଇପାରିବେ ବୋଲି ଉଦ୍ଦେଶ୍ୟରେ ଏହି ପ୍ରୋଗ୍ରାମକୁ ଆୟୋଜନ କରାଯାଇଛି ବୋଲି ୱାଇଲ୍ଡ ଗ୍ରାସର ମାଲିକ ଯୁଗାବ୍ରତ କର କୁହନ୍ତି। ଯୁଗାବ୍ରତଙ୍କ ଏହି ଅଭିନବ ପ୍ରୟାସ

ଯେଉଁଠାରେ ପର୍ଯ୍ୟଟକମାନେ ରେଷ୍ଟୁରାଣ୍ଟର ରୋଷେୟା ମାନଙ୍କ ଠାରୁ ଓଡ଼ିଶାର ଆଂଚଳିକ ପାରମ୍ପରିକ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା କରିପାରିବେ। ଏହି ରୋଷେଇ ଶିଖିବା କାର୍ଯ୍ୟକ୍ରମ ଗୋଟିଏ ଗୋଟିଏ ପର୍ଯ୍ୟାୟ ଅନୁସାରେ ହେବ। ପ୍ରଥମେ ପର୍ଯ୍ୟାୟରେ ରହିଛି ପର୍ଯ୍ୟଟକମାନେ ଯେଉଁ ଖାଦ୍ୟ ପ୍ରସ୍ତୁତି କରିବେ ସେହି ଖାଦ୍ୟ ପାଇଁ ଆବଶ୍ୟକ ଥିବା ସାମଗ୍ରୀ ନିକଟସ୍ଥ ପରିବା ଦୋକାନ, ମଲ୍, କମ୍ପେକ୍ସରୁ କିଣିବେ। ଏଥିରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପର୍ଯ୍ୟଟକମାନେ ଓଡ଼ିଶାର ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ଯେପରି, ଦହି ବାଇଗଣ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ବିଶ୍ୱ ପ୍ରସିଦ୍ଧ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବ। ଏହି କିଚେନ ଟୁରିଜିମ୍ ପ୍ରୋଗ୍ରାମ ୬ମାସ ଧରି ଚାଲିବ ଓ ଏଥିରେ ୬୦ଜଣ ବିଦେଶୀ ପର୍ଯ୍ୟଟକ ଭାଗ ନେଇପାରିବେ। ୨୨୬ଟି ଦେଶ ପରିଭ୍ରମଣରେ ଯୁଗାବ୍ରତଙ୍କୁ ଏହି ଆଇଡିଆ ମିଳିପାରିଥିଲା।

## ମନ୍ଦିରରେ ଚଢ଼ାଯାଏ ଚପଲମାଳ

କର୍ଣ୍ଣାଟକର ଗୁଲବର୍ଗ ଜିଲ୍ଲାରେ ଥିବା ଲକମ୍ମା ଦେବୀଙ୍କ ମନ୍ଦିର ବେଶ ପ୍ରସିଦ୍ଧ। ପ୍ରତିବର୍ଷ ଏଠାରେ ଜୋତା ଉତ୍ସବର ଆୟୋଜନ କରାଯାଇଥାଏ। ଦୀପାବଳି ସମୟରେ ଏହି ଉତ୍ସବ ପାଳନ ହେଉଥିବା ବେଳେ ଆଖପାଖ ଅଂଚଳର ଲୋକେ ଏଠାରେ ମାତାଙ୍କୁ ଚପଲ ମାଳ ଅର୍ପଣ କରିବା ପାଇଁ ଆସିଥାନ୍ତି।

ଏହି ଉତ୍ସବ ଅବସରରେ ଲୋକେ ଲକମ୍ମା ଦେବୀଙ୍କୁ ନିଜ ମନୋସ୍କାମନା ପୂରଣ ପାଇଁ ଚପଲ ଅର୍ପଣ କରିଥାନ୍ତି। ମନ୍ଦିର ଆଗରେ ଏକ ଗଛରେ ଏହି ଚପଲ ସବୁ ଟଙ୍ଗା ଯାଇଥାଏ। ଖାଲି ଚପଲ ନୁହେଁ ମାତାଙ୍କୁ ନିରାମିଶ ଏବଂ ଆମିଷ ଭୋଗ ମଧ୍ୟ ଅର୍ପଣ କରାଯାଏ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଚପଲ ଅର୍ପଣ କରିବା ଦ୍ୱାରା ସେମାନଙ୍କ ଉପରେ ଥିବା ଖରାପ ନଜରକୁ ମା' ଦୂରେଇ ଦିଅନ୍ତି। ସେହିଭଳି ଏହାଦ୍ୱାରା ଆଣ୍ଠୁ, ଗଣ୍ଠି, ଦରଜ ମଧ୍ୟ ଦୂର ହୋଇଥାଏ। ଅନେକଙ୍କ ଯୁକ୍ତି ହେଉଛି ଭକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ଚପଲକୁ ପିନ୍ଧି ମାତା ରାତିରେ ବୁଲନ୍ତି ଏବଂ ଭକ୍ତଙ୍କୁ ରକ୍ଷା କରନ୍ତି।

## ଚର୍ବି ଦୂରକରେ ବାଦାମ



ପେଟରେ ଚର୍ବି ବଢ଼ିବା ଶରୀର ପାଇଁ ହାନିକାରକ। ତେଣୁ ଚର୍ବି କମାଇବା ପାଇଁ ଦୈନିକ ଖାଦ୍ୟରେ ବାଦାମ ସାମିଲ କରନ୍ତୁ। ଏହା ପେଟରେ ଚର୍ବି ଅଂଶ ଦୂର କରିବା ସହ ହୃଦରୋଗରୁ ମଧ୍ୟ ମୁକ୍ତି ଦେଇଥାଏ ବୋଲି ଏକ ବିଶେଷ ଅଧ୍ୟୟନରୁ ଜଣାପଡ଼ିଛି। ପ୍ରତ୍ୟେକ ଦିନ ୪୨ ଗ୍ରାମ ବାଦାମ ଖାଦ୍ୟରେ ସାମିଲ କରନ୍ତୁ। ସକାଳ ଜଳଖିଆରେ ମଧ୍ୟ ଆମେ ବାଦାମ ଖାଇବା ଶରୀର ପାଇଁ ଲାଭଦାୟକ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜିଦ୍‌ର ପରିଣତି..

ରବିବାର ଦିନ ଇସ୍ରାଏଲୀ ସ୍ଥଳସେନା ଗାଜାର ସର୍ବବୃହତ୍ ହସପିଟାଲ୍ ନିକଟରେ ହାମାସ୍ ସହିତ ଯୁଦ୍ଧ କରିଛନ୍ତି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ, କାରଣ ଏଠି ଅଛନ୍ତି ସ୍ୱାସ୍ଥ୍ୟସେବା ସହିତ ସମ୍ପୃକ୍ତ କର୍ମଚାରୀଗଣ, ରୋଗୀମାନେ ଏବଂ ବିସ୍ଥାପିତ ହୋଇଥିବା ଲୋକମାନେ, ଯେଉଁମାନେ ବିନା ବିଦ୍ୟୁତ୍ ଶକ୍ତି, ବିନା ବାସଗୃହ ଓ ଖାଦ୍ୟ ସାମଗ୍ରୀରେ ଯେନତେନ ପ୍ରକାରେ ଜୀବନ ବଞ୍ଚାଇ ପଡ଼ି ରହିଛନ୍ତି। ଯୁଦ୍ଧ ବିରତି ପାଇଁ ଆନ୍ତର୍ଜାତିକ ସ୍ତରର ସମସ୍ତ ଅନୁରୋଧକୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଅକ୍ଟୋବର ୭ ତାରିଖରେ ହାମାସ୍ ପଣବନ୍ଦୀ କରି ନେଇଥିବା ପାଖାପାଖି ସମସ୍ତ ୨୪୦ ଲୋକଙ୍କୁ ଯେ ପର୍ଯ୍ୟନ୍ତ ମୁକ୍ତ କରି ନାହାନ୍ତି ଯାହାକି ଏହି ଯୁଦ୍ଧକୁ ଉସୁକାଇଛି, ସେ ପର୍ଯ୍ୟନ୍ତ ଇସ୍ରାଏଲ ତା'ର 'ସମସ୍ତ ଶକ୍ତି' ଖଟାଇ ଯୁଦ୍ଧ କରିବ ଏବଂ ଗାଜାରେ ହାମାସର ଦୀର୍ଘ ୧୬ ବର୍ଷର ଶାସନରେ ପୂର୍ଣ୍ଣଚ୍ଛେଦ ପକାଇବ ବୋଲି ସେ କହିଛନ୍ତି । ଗତ ସପ୍ତାହର ପ୍ରଥମାର୍ଦ୍ଧରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାମ୍ପ୍ରତିକ ଯୁଦ୍ଧ ଶେଷ ହେବା ପରେ ମଧ ତାଙ୍କ ଦେଶ ଗାଜା ପଟିର ସାମଗ୍ରିକ ସୁରକ୍ଷା ଦାୟିତ୍ୱ ବହନ କରିବ । ବେଶ୍ କେତେ ସଂଖ୍ୟକ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ଦର୍ଶାଇଛନ୍ତି ଯେ ହାମାସ୍-ପରବର୍ତ୍ତୀ ଗାଜା ପାଇଁ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ଯୋଜନା ଏହାକୁ ସମ୍ପୂର୍ଣ୍ଣ ଭାବରେ ଦଖଲ କରିନେବାର ଏକ ଛବି ଉପସ୍ଥାପନ କରିବ, ଯଦିଓ ନେତାନ୍ୟାହୁ ବର୍ତ୍ତମାନ ସୁଦ୍ଧା ଏକଥା କହିଛନ୍ତି ଯେ ଗାଜା ଅକ୍ତିଆର କରିବା ଇସ୍ରାଲଲର ଉଦ୍ଦେଶ୍ୟ ନୁହେଁ । ଚାରିପଟୁ ଏକ ପ୍ରକାରର ଘେରାବନ୍ଦୀ ହୋଇ ରହିଥିବା ତଟୀୟ ଇଲାକାରେ ଯେଉଁଭଳି ଭାବରେ ଧ୍ୱଂସାବହ ବୋମା ବର୍ଷା ଜାରି ରହିଛି, ସେପରି ଅବସ୍ଥାରେ ଇସ୍ରାଏଲର ନେତାଙ୍କ ତରଫରୁ ଏପରି ବାର୍ତ୍ତା ପ୍ରସାରିତ ହେବା ଏକ ଚିନ୍ତାଜନକ ପ୍ରସଙ୍ଗ। କାରଣ ଗାଜା ଉପରେ ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥାର ନିୟନ୍ତ୍ରଣ ଏକ ଭୁଲ୍ ଏବଂ ବେଆଇନ କାର୍ଯ୍ୟ ହେବା ସହିତ ଉଭୟ ଇସ୍ରାଏଲୀ ଏବଂ ପାଲେଷ୍ଟିନୀୟମାନଙ୍କ ପାଇଁ ଧ୍ୱଂସାବହ କାର୍ଯ୍ୟ ହେବ । ତେଣୁ ଗାଜାରେ ମଧ ସମାନ ପରିସ୍ଥିତି ଉପୁଜିବାର ଆଶଙ୍କା କରନ୍ତି ସେମାନେ । ପୁନଶ୍ଚ, ନୈତିକ ଭାବରେ ଅଗ୍ରହଣୀୟ ଦଖଲ ମଧ୍ୟ ଆନ୍ତର୍ଜାତିକ ଆଇନର ଉଲ୍ଲଙ୍ଘନ କରିବ, ଯାହା ଘଟିଛି ୱେଷ୍ଟ୍ ବ୍ୟାଙ୍କ୍ କ୍ଷେତ୍ରରେ। ତଥାପି ଇସ୍ରାଏଲ ଯଦି ଶାନ୍ତି ଏବଂ ଆନ୍ତର୍ଜାତିକ ସ୍ତରର ଆଇନ ବିଶେଷଜ୍ଞମାନଙ୍କ ଯୁକ୍ତିକୁ ଯଦି ବି ଅଣଦେଖା କରେ, ତା'ହେଲେ ଏହା ନିଜର ଦୀର୍ଘକାଳୀନ ସୁରକ୍ଷା ସ୍ୱାର୍ଥଗୁଡ଼ିକ ସମ୍ପର୍କରେ ଚିନ୍ତା କରିବା ଉଚିତ । ଆଉ ତାହା ୱେଷ୍ଟ୍ ବ୍ୟାଙ୍କରେ ଏକ ସଶସ୍ତ୍ର ପ୍ରତିବାଦୀ ଗୋଷ୍ଠୀର ନୂତନ ପିଢ଼ିକୁ ଜନ୍ମ ଦେଇଛି ଯେଉଁମାନେ ନିକଟ ଅତୀତର ମାସଗୁଡ଼ିକରେ ଇସ୍ରାଏଲୀ ସୈନିକମାନଙ୍କ ସହିତ ଯୁଦ୍ଧ କରିଛନ୍ତି । ଏକ ରକ୍ତାକ୍ତ, ଦୀର୍ଘକାଳୀନ ଯୁଦ୍ଧ ପରେ ଯଦି ବି ଇସ୍ରାଏଲ ହାମାସ୍‌କୁ ଗାଜାରେ ପରାସ୍ତ କରେ, ତା'ହେଲେ ଇସ୍ରାଏଲର ପରାଭବରେ ଅତିଷ୍ଠ ହୋଇ ନୂଆ ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ଜନ୍ମ ନେବେ, ଠିକ୍ ଯେମିତି ହୋଇଛି ୱେଷ୍ଟ୍ ବ୍ୟାଙ୍କରେ। ଇସ୍ରାଏଲ ଯେଉଁ ପାଲେଷ୍ଟିନୀୟ କର୍ତ୍ତୃପକ୍ଷମାନଙ୍କୁ ହେୟଜ୍ଞାନ କରି ଆସୁଛି, ସେମାନଙ୍କ ଭଳି ନହୋଇ ଏହିସବୁ ନୂତନ ଗୋଷ୍ଠୀ ଅଧିକ ଉଗ୍ର ହେବେ, ଯେଉଁମାନଙ୍କ ସହିତ ବୁଝାମଣା କରିବା ଅତ୍ୟନ୍ତ କଠିନ କାର୍ଯ୍ୟ ହେବ । ଗାଜାକୁ ପ୍ରଭାବଶାଳୀ ଢଙ୍ଗରେ ଦଖଲ କରିବା ଇସ୍ରାଏଲ ଏବଂ ଆରବ ରାଷ୍ଟ୍ରମାନଙ୍କ ମଧରେ ସମ୍ପର୍କକୁ ସ୍ୱାଭାବିକ କରିବା ନିମନ୍ତେ ରହିଥିବା ସମ୍ଭାବନାକୁ କେବଳ ପଥଚ୍ୟୁତ କରିବ ନାହିଁ; ଏହା ମଧ ଇସ୍ରାଏଲ ସହିତ ସେମାନଙ୍କର ଶାନ୍ତି ଚୁକ୍ତିମାନ ସମ୍ପାଦନ କରିବା ନିମନ୍ତେ ଇଜିପ୍ଟ ଏବଂ ଜୋର୍ଡାନ୍‌କୁ ପୁନର୍ବାର ଚିନ୍ତା କରିବାକୁ ଖୋରାକ ଯୋଗାଇବ। ସର୍ବୋପରି, ଏହା ଲେବାନନ୍‌ର ହେଜବୋଲ୍ଲା ଭଳି ଗୋଷ୍ଠୀମାନଙ୍କୁ ଯୁଦ୍ଧରୁ ଦୂରେଇ ରହିବା କାର୍ଯ୍ୟକୁ କଷ୍ଟକର କରାଇବ । ମୋଟାମୋଟି ଇସ୍ରାଏଲ ଯଦି ଗାଜାକୁ ଦଖଲ କରି ତା'ର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେବାକୁ ଇଚ୍ଛା କରୁଥାଏ, ତା'ହେଲେ ଆଗାମୀ ସମୟରେ ଏହା ନିମନ୍ତେ ପଥ କଠିନ ହେବାକୁ ଯାଉଛି ବୋଲି କୁହାଯାଇପାରେ । ସାମ୍ପ୍ରତିକ ପରିସ୍ଥିତିରେ ଗାଜାର ଲୋକମାନେ ଭୋଗ କରୁଥିବା ଅକଥନୀୟ ମାନବୀୟ ଯନ୍ତ୍ରଣାର ପରିସମାପ୍ତି ଘଟାଇବା ନିମନ୍ତେ ଯୁଦ୍ଧରେ ସାମୟିକ ବିରତି ନୁହେଁ, ବରଂ ଯୁଦ୍ଧ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଉଚିତ। ଏଥିପାଇଁ ହାମାସ୍ ପଣବନ୍ଦୀ ଭାବରେ ରଖିଥିବା ଇସ୍ରାଏଲ ନାଗରିକମାନଙ୍କୁ ମୁକ୍ତ କରିବା ସହିତ ଏକଥା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପ୍ରତିବଦ୍ଧ ହେବା ଉଚିତ ଯେ ଇସ୍ରାଏଲର ତିଷ୍ଠି ରହିବାର ଅଧିକାର ରହିଛି ଏବଂ ଏହାର ସୁରକ୍ଷା ହେଉଛି ଏକ ଆନ୍ତର୍ଜାତିକ ସ୍ତରର ମଧ୍ୟସ୍ଥତାରେ ସମ୍ପାଦିତ ହୋଇଥିବା ରାଜିନାମାର ଫଳଶ୍ରୁତି। ଆଉ ଏଇ କାରବାରର ଏକ ଅଂଶ ଭାବରେ ଇସ୍ରାଏଲ କେବଳ ଗାଜାରୁ ନୁହେଁ, ବରଂ ୱେଷ୍ଟ୍ ବ୍ୟାଙ୍କ୍ ମଧ୍ୟ ନିଜକୁ ଓହରାଇ ଆଣିବା ଉଚିତ । ଏତଦ୍ ବ୍ୟତୀତ ସାମୟିକ ଭାବରେ ଗାଜାର ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ଏକ ଆନ୍ତର୍ଜାତିକ ସେନାବାହିନୀ ପଠାଇବାର ସମ୍ଭାବନା ସମ୍ପର୍କରେ ଜାତିସଂଘ ଉଦ୍ୟମ କରିପାରେ । ବସ୍ତୁତଃ ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ନେତୃବୃନ୍ଦ ଦୁଇଗୋଟି – ରାଷ୍ଟ୍ର ପାଇଁ ବାସ୍ତବରେ ପ୍ରତିଶ୍ରୁତିବଦ୍ଧ ସମାଧାନ ଆବଶ୍ୟକ କରନ୍ତି, ଯେଉଁଥିରେ ପାଲେଷ୍ଟିନୀୟମାନଙ୍କର ସେମାନଙ୍କ ଦେଶ ଉପରେ ସୁରକ୍ଷା ନିୟନ୍ତ୍ରଣ ରହିବ । ଆଉ ଏହା ହିଁ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ୍ ନିମନ୍ତେ ଶାନ୍ତିରେ ରହିବାର ସର୍ବୋତ୍କୃଷ୍ଟ ସମାଧାନ ।



# ଗଣତନ୍ତ୍ରର ପ୍ରହସନ

### ଗୋପାଳ ମହାପାତ୍ର

ଗଣତନ୍ତ୍ରର ସର୍ବମାନ୍ୟ ବାକ୍ୟ ହେଉଛି "ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ" । ଏହି ସର୍ବମାନ୍ୟ ବାକ୍ୟରୁ ସ୍ପଷ୍ଟ ଯେ ଗଣତନ୍ତ୍ରରେ ଲୋକେ ବା ଜନତା ହେଉଛନ୍ତି ସର୍ବ ଶକ୍ତିମାନ । ରାଜନୈତିକ ଦଳ ଜନତାଙ୍କ ଉର୍ଦ୍ଧ୍ୱରେ ବୋଲି କେଉଁଠାରେ କୁହାଯାଇନାହିଁ । କିନ୍ତୁ ଏବେ ଗଣତାନ୍ତ୍ରିକ ବିଂଶଗତି ଓ ବିଦ୍ରୁପତା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ଜନତା ଶକ୍ତିହୀନ ବୋଲି ରାଜନୈତିକ ଦଳମାନେ ଭାବିନେଲେଣି । କେବଳ ଏତିକି ନୁହେଁ ନିର୍ବାଚନୀ ବଣ୍ଡକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠରେ ହେବାକୁ ଥିବା ଶୁଣାଣିର କିଛି ଦିନ ପୂର୍ବରୁ ଦେଶର ଆଟର୍ଣ୍ଣି ଜେନେରାଲ କହିଥିଲେ ଯେ ନୀତିଗତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କର ନିଷ୍ପତ୍ତି ନେବାର ଅଧିକାର ନାହିଁ । ଆଟର୍ଣ୍ଣି ଜେନେରାଲଙ୍କ ଏହି ବୟାନ କ'ଣ ପ୍ରାସଙ୍ଗିକ ବା ଠିକ୍ କି ? ମାନ୍ୟବର ସୁପ୍ରିମକୋର୍ଟ ଅନେକ ବାର ଦେଶର ନିର୍ବାଚନୀ ପ୍ରକ୍ରିୟାକୁ ସୁଧାରିବା ଦିଗରେ ନିଷ୍ପତ୍ତି ଶୁଣାଇଛନ୍ତି। ରାଜନୀତିରେ ଦାଗୀ ରାଜନେତାଙ୍କ ପ୍ରତିନିଧିତ୍ୱ ଉପରେ ଅଙ୍କୁଶ ମଧ ଲଗାଇଛନ୍ତି । ୨୦୦୩ରେ ମାନ୍ୟବର କୋର୍ଟ ରାଜନେତାମାନେ ସେମାନଙ୍କର ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ସମସ୍ତ ତଥା ସାର୍ବଜନୀନ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସଙ୍ଗରେ କୋର୍ଟ କହିଥିଲେ ଯେ ରାଜନେତାଙ୍କ ବାବଦରେ ସବୁ କଥା ଜାଣିବାର ଅଧିକାର ଲୋକଙ୍କର ରହିଛି । ନିର୍ବାଚନୀ ବଣ୍ଡ ପ୍ରସଙ୍ଗରେ ମଧ ଏକଥା ଲାଗୁହେବା କଥା । ନିର୍ବାଚନୀ ପ୍ରକ୍ରିୟାରେ ଖର୍ଚ୍ଚ ହେଉଥିବା ଅର୍ଥ ଆଇନ ସମ୍ମତ ସ୍ରୋତରୁ ଆସିବା ଉଚିତ ଓ ଏହା ଉପରେ ହିଁ ନିର୍ବାଚନର ଶୁଚିତା ନିର୍ଭର କରିଥାଏ । ଏଣୁ ଲୋକଙ୍କର ଏକଥା ଜାଣିବା ଦରକାର ଯେ ରାଜନୈତିକ ଦଳମାନେ କେଉଁ ସ୍ରୋତରୁ କେତେ ପରିମାଣର ଅର୍ଥ ଆଣିଛନ୍ତି ବା ଆଣୁଛନ୍ତି ।

ଉଲ୍ଲେଖନୀୟ ଯେ ଯେତେବେଳେ ସଂସଦରେ ନିର୍ବାଚନୀ ବଣ୍ଡ ପ୍ରସଙ୍ଗକୁ ଆଇନଗତ ମାନ୍ୟତା ଦିଆଯିବାର ପ୍ରୟାସ କରାଯାଉଥିଲା ସେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କର ବୟାନ ଥିଲା ଯେ ଏହା ଆଇନରେ ପରିଣତ ହେଲେ ନିର୍ବାଚନ ପାଇଁ ଚାନ୍ଦା ଜୁଟାଇବାରେ ପାରଦର୍ଶିତା ଆସିବ ଓ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲାଗିବ । କିନ୍ତୁ ଏ ପ୍ରସଙ୍ଗ ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଆଟର୍ଣ୍ଣି ଜେନେରାଲ ଦେଇଥିବା ବୟାନର ତାତ୍ପର୍ଯ୍ୟ କ'ଣ ? ଏକଥା ନିଶ୍ଚୟ ଯେ ରାଜନୈତିକଦଳମାନେ ଶିଳ୍ପପତିମାନଙ୍କଠାରୁ କେତେ ଚାନ୍ଦା ଆଣୁଛନ୍ତି ସେକଥା ସାଧାରଣ ଲୋକେ ଜାଣିବା ଆବଶ୍ୟକ । ଶିଳ୍ପପତିମାନେ ଶାସନ ବା ରାଜନୀତିର ଅପହାଓ୍ୱାକୁ ମାପିଚୁପି ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଇଥାନ୍ତି । ଏହା ଗୋଟିଏ ପକ୍ଷରେ ସେମାନଙ୍କର ଆର୍ଥିକ ନିବେଶ ଯାହା କାଳାନ୍ତରରେ ଗଣତନ୍ତ୍ରରେ ପୁଞ୍ଜିତନ୍ତ୍ରର ପୋଷଣ ହୋଇଥାଏ । ନିର୍ବାଚନୀ ବଣ୍ଡକୁ ନେଇ ଆଇନଗତ ପ୍ରାବଧାନ ହେଉଛି ଚାନ୍ଦା ଦେଉଥିବା ବ୍ୟକ୍ତି ଡିଜିଟାଲ ପଇଠ କରି ଷ୍ଟେଟ ବ୍ୟାଙ୍କରୁ ବଣ୍ଡ କ୍ରୟ କରିଥାଏ । ଆଇନ ଅନୁସାରେ ରାଜନୈତିକ ଦଳମାନେ ଓ ବ୍ୟାଙ୍କ ଚାନ୍ଦା ଦେଉଥିବା ବ୍ୟକ୍ତି ବାବଦରେ ସୂଚନା ଦେବାପାଇଁ ବାଧ୍ୟ ନୁହଁନ୍ତି । ଷ୍ଟେଟବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥା କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା କାରଣରୁ ଶାସକ ଦଳ ଜାଣିପାରନ୍ତି ଯେ କେଉଁ ସଂସ୍ଥା/ ବ୍ୟକ୍ତି କେଉଁ ବିରୋଧୀ ଦଳକୁ କେତେ ଚାନ୍ଦା ଦେଇଛନ୍ତି । ସରକାରୀ ଦଳକୁ ମିଳୁଥିବା ଚାନ୍ଦା ବାବଦରେ ବିରୋଧୀ ଦଳମାନେ ସଂପୂର୍ଣ୍ଣ ସୂଚନା ପାଇପାରନ୍ତି ନହିଁ । ଶାସକ ଦଳକୁ ଅଧିକ ଚାନ୍ଦା ମିଳିଥାଏ ଓ ଏହାର ଫାଇଦା ଶାସକ ଦଳ ଉଠାଇଥାଏ । ଏକ ତଥ୍ୟ ଅନୁସାରେ ନିର୍ବାଚନୀ ଚାନ୍ଦାରେ ମିଳୁଥିବା ଚାନ୍ଦାର ଦୁଇ ତୃତୀୟାଂଶ ଚାନ୍ଦା ଶାସକ ଦଳକୁ ମିଳୁଛି । ଏଣୁ ନିର୍ବାଚନ ମଧ ପ୍ରଭାବିତ ହେଉଛି । ଅପବିତ୍ର ସ୍ରୋତରୁ ଆସୁଥିବା ଅର୍ଥ ଗଣତନ୍ତ୍ରର ପବିତ୍ରତାକୁ ନଷ୍ଟ କରୁଛି । ଏଣୁ ସବୁଠାରୁ ବଡ କଥା ହେଉଛି ନିର୍ବାଚନୀ ଚାନ୍ଦା କେମିତି ଗଣତନ୍ତ୍ରର ପବିତ୍ରତାକୁ ପ୍ରଭାବିତ ନ କରିବ ସେ କଥା ଦେଖିବା ଆବଶ୍ୟକ ।

ଏବେ ଦେଶରେ ଏମିତି ଏକ ଅବସ୍ଥା ସୃଷ୍ଟି ହୋଇଛି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ବ୍ୟୟର ସୀମାଠାରୁ ଅଧିକ ଅର୍ଥ ନିର୍ବାଚନରେ ପ୍ରାର୍ଥୀମାନେ ବ୍ୟୟ କରୁଛନ୍ତି । ଏ ବାବଦରେ ସମସ୍ତେ ଜାଣନ୍ତି । ପ୍ରାର୍ଥୀମାନେ ନିର୍ବାଚନରେ ଯେଉଁ ଅର୍ଥ ବ୍ୟୟ କରୁଛନ୍ତି ତାହା ଆସୁଛି କେଉଁଠୁ ? ଏସବୁ ବାବଦରେ ଲୋକଙ୍କର ଜାଣିବାର ଅଧିକାର ଅଛି ନା ନାହିଁ ସେବାବଦରେ ତର୍ଜମା କରାଯିବା ଆବଶ୍ୟକ । ଲୋକେ ସଚେତନ ହେବା ଜରୁରୀ ଏଥି ସହିତ ଚାନ୍ଦା ପ୍ରକ୍ରିୟାକୁ ପାରଦର୍ଶୀ କରାଯିବା ମଧ ଜରୁରୀ । ଏପ୍ରସଙ୍ଗରେ ଦେଶର ସବୁଠାରୁ ବଡ ଆଇନ ଅଧିକାରୀ ବା ଆଟର୍ଣ୍ଣି ଜେନେରାଲ ଦେଇଥିବା ମନ୍ତବ୍ୟ ଗଣତନ୍ତ୍ର ପାଇଁ ଝଟକା ନିଶ୍ଚୟ।


+ ରାମଚନ୍ଦ୍ରପୁର, ରଣପୁର

ମୋ- ୯୪୩୮୪୮୫୦୯୪




# ନିଶ୍ୱାସରେ ବିଷ : ଘାତକ ପବନ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଲିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି। କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ର୍ନିଧୂମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ ହୋଇପାରେ। ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ। ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା। କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ସାଧାରଣତଃ ଶୀତ ଦିନରେ ବାୟୁ ପ୍ରଦୂଷଣ ସ୍ତର ଅଧିକ ରହିଥାଏ। ଦିନକୁ ଦିନ ଗାଡ଼ି ମଟର ଚଳାଚଳ ବଢୁଥିବାରୁ ପ୍ରଦୂଷଣ ବଢୁଛି। ସେହିପରି କଂକ୍ରିଟ ଜଙ୍ଗଲ ବିଶାଳ ମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବାବେଳେ ଗ୍ରାମାଞ୍ଚଳରେ ଓଡ଼ିଶାରେ ଅନେକ ସ୍ଥାନରେ ନଡ଼ାକୁଟା ଆଦି ପୋଡା ହେଉଛି। ପୂର୍ବପରି ଆଉ ସେତେଟା ବୃକ୍ଷରୋପଣ ଦେଖାଯାଉନାହିଁ। ଏପରି ପରିସ୍ଥିତିରେ ଅତ୍ୟଧିକ ବାଣଫୁଟାର ବିଷାକ୍ତ ଧୂଆଁ ବାୟୁର ଅବସ୍ଥାକୁ ପୁରା ବିଗାଡ଼ି ଦେଇଛି। ସମୟ ଆସିଛି ଆମକୁ ଏ ନେଇ ସତର୍କ ଓ ସଚେତନ ହେବା ପାଇଁ ପଡ଼ିବ। ଚଳିତ ବର୍ଷ ଦୀପାବଳିରେ ଚାରିଲକ୍ଷ କୋଟି ଟଙ୍କାର ବାଣ ବେପାର ହୋଇଛି। ବ୍ୟାପକ ସଚେତନତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ, ପ୍ରଶାସନର କଟକଣା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିଷେଦ୍ଧାଦେଶ ଏସବୁ ସତ୍ତ୍ୱେ ଆମ୍ଭେମାନେ ଯଦି ଏହିପରି ଭାବରେ ବାଣ ଫୁଟାଇବା ଓ ନିଜ ପରିବେଶକୁ ଏବଂ ଆମ ଶ୍ୱାସପ୍ରଶ୍ୱାସର ମୁଖ୍ୟ ଅବଲମ୍ବନ ଅମ୍ଳଜାନର ମାତ୍ରାକୁ ବିଷାକ୍ତ କରିବା ତାହାହେଲେ ଏଥିରୁ ଆମ୍ଭମାନଙ୍କୁ କେହି ରକ୍ଷା କରିପାରିବେ ବୋଲି ଭାବିବା ନିରର୍ଥକ। ବୃକ୍ଷରୋପଣ ଯଥେଷ୍ଟ ହେଉନାହିଁ। ପୂର୍ବରୁ ପରିବେଶ ମଧ ସ୍ୱାଭାବିକ ଭାବେ ଅଙ୍ଗାରକାମ୍ଳ ମାତ୍ରାରୁ ବିଷାକ୍ତରୁ ଆହୁରି ବିଷାକ୍ତମୟ ହୋଇଚାଲିଛି। ଗାଡ଼ି ମଟରର ବ୍ୟବହାର ମାତ୍ରାଧିକ ହେଉଥିବାବେଳେ ଦିନକୁ ଦିନ ବଡ଼ ବଡ଼ କଂକ୍ରିଟ ଜଙ୍ଗଲ ମାଡ଼ି ଚାଲିଛି। ନଡ଼ାପୋଡା, ଇଟା ତିଆରି ଏବଂ ଅନେକ ଶିଳ୍ପ ଅନୁଷ୍ଠାନର ଧୂଆଁର ବିଷ ପ୍ରଦୂଷଣ ଆମ ଶ୍ୱାସପ୍ରଶ୍ୱାସର ଅଶ୍ୱସ୍ତିକର ଅବସ୍ଥାକୁ ଆହୁରି ଜଟିଳ କରିଦେଉଛି। ଏପରି ସମୟରେ ନିଜେ ନିଜ ବିବେକକୁ ପଚାରି ଏବଂ ନିଜେ ପ୍ରତି ଦିନ କିଛି ବିଷ କଣିକା ଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ନେଇ ନିଜକୁ ଅଳ୍ପାୟୁଷ କରୁଥିବାବେଳେ ଆମ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଆମେ ଏବେ ଠାରୁ କଣ କରୁଛେ ନିଜକୁ ଟିକେ ସ୍ଥିର ଚିତ୍ତରେ ପଚାରି ଏହାର ନିରାକରଣ ପାଇଁ ବାଟ ବାହାରିବା କଥା ....... ଏ ଦାୟିତ୍ୱ ସୁପ୍ରିମକୋର୍ଟ କିମ୍ବା ପ୍ରଶାସନର ଆଦୌ ନୁହେଁ।


+ ବାକଶ୍ରବଣ ବିଶେଷଜ୍ଞ,

'ଧ୍ୱନୀ' କାଠଗୋଲା ରୋଡ଼,

ମଙ୍ଗଳାବାଗ, କଟକ,

ମୋ: ୯୪୩୮୨୭୬୭୬୦


## କବିତା କୋଣାର୍କ

### ଭଙ୍ଗା ହୃଦୟରେ କୋହ

**ସୁନିତା ସାହୁ**

ଅମାନିଆ ହୃଦୟ ତୁ କାଇଁ ଏତେ ଝୁରୁଛୁ
ଅତୀତ କେବେ ଫେରିବ ନି କାଇଁ ଏତେ ଭାବୁଛୁ।

ଅତୀତର ସେ ଖୁସି ଆଉ ନାହିଁ ତୋ ପାଖରେ
ସେ ଅତୀତ ସ୍ମୃତି ହୋଇ ରହିବ ତୋ ଭିତରେ।

ମିଠା ମିଠା ସେଇ କଥା ମିଠା ସେଇ ସପନ
ଉନ୍ମାଦନା ଦେବ ପୁଣି ସ୍ୱପ୍ନ ଭରା ସେ ଦିନ।

ରଙ୍ଗ ଭରା ସେ ଦିନ ଆଜି ରଙ୍ଗ ହିନ ହୋଇଛି
ପରିସ୍ଥିତି ଚାପରେ ଆଜି ତୋ ଠୁ ଦୂରେ ଅଛି।

ଭୁଲିବାକୁ ଚାହିଁଲେ ବି ଭୁଲି କି ହେଉଛି
ଅତୀତର ସ୍ମୃତି ମାନ ମନେ ଉଙ୍କି ଯେ ମାରୁଛି।

+ ଧୁସର୍ ବାହାଲ୍, ସୋହେଲା, ବରଗଡ଼

### ଭୁଲି ପାରୁନାହିଁ ବୋଲି

**ଦିବାକର ନାୟକ**



ଜିଇଁଛି ସିନା ମୁଁ ତୁମେ ମୋତେ କ୍ଷଣେ
ଭୁଲି ପାରୁ ନାହଁ ବୋଲି
ହସୁଛି ପୁଣି ମୁଁ ଭୋଗିବା ଦୁଃଖକୁ
ଯାଉଛି ବୋଲି ମୁଁ ଭୁଲି ।

ତୁମକୁ ମୁଁ କେବେ ପାଖରେ ପାଇନି
ତଥାପି ନିଜର ଲାଗ
ପଣତରେ ସିନା ଲୁହ ମୋ ପୋଛିନ
ଲୁହରୁ ନେଇଛ ଭାଗ

ତୁମ କଥା ଭାବି କ୍ଳାନ୍ତି ଭୁଲିଛି ମୁଁ
ଅସରନ୍ତି ବାଟ ଚାଲି..
ଜିଇଁଛି ସିନା ମୁଁ ତୁମେ ମୋତେ କ୍ଷଣେ
ଭୁଲି ପାରୁ ନାହଁ ବୋଲି ।

ଦୁହିଁଙ୍କର ସିନା ଦୁଇଗୋଟି ଦେହ
ହେଲେ ତ ଗୋଟିଏ ମନ
ଯୋଉଠି ଥିଲେ ବି ତୁମ ମୁହଁ ଦିଶେ
ଯେମିତି ଦିଶଇ ଜହ୍ନ

ଯୁଗ ଯୁଗ ଯେତେ ପ୍ରତୀକ୍ଷା କଲେ ବି
ଲାଗେ ମୋତେ ଗତକାଲି..
ଜିଇଁଛି ସିନା ମୁଁ ତୁମେ ମୋତେ କ୍ଷଣେ
ଭୁଲି ପାରୁ ନାହଁ ବୋଲି ।

+ ପାଟପୁର କନିସି ଗଞ୍ଜାମ
ମୋ:୯୯୩୮୬୧୯୯୮୧

### ଶେଷ ଚିଠି

**ଜିତେନ୍ଦ୍ର କୁମାର ବେହେରା**

ସମୟ ଟାଣିଲା ସୀମା ରେଖାଟିଏ
ଆମର ଏ ସମ୍ପର୍କରେ
ବୁଝିପାରିଲୁନି କାହିଁକି ଏମିତି
ଶେଷ ହେଲା ଅବେଳରେ ।

ଜହର ପିଆଲା ହାତରେ ଧରିଛି
ହେଲେ ମୁଁ ପାରୁନି ପିଇ
ପିଇ ଦେଲେ କାଳେ ଦୁନିଆଁ କହିବ
କାପୁରୁଷ ଥିଲା ସେହି ।
ଆଜି ମୁଁ ଲେଖୁଛି ନିଜ ରକତରେ
ତୋ ଲାଗି ଏ ଶେଷ ଚିଠି
ଇଚ୍ଛା ହେବ ଯଦି ପଢି ନେବୁ ଥରେ
ଲେଖି ମୁଁ ପାରୁନି ଇତି।

ଶୀତ ଶେଷେ ପୁଣି ବସନ୍ତ ଆସିଛି
ଚଇତି ଚିଟାଉ ନେଇ
ଚିଟାଉକୁ ଥରେ ଖୋଲି ମୁଁ ପଢ଼ିଲେ
ତୋ ମୁହଁଟି ଦିଶୁଥାଇ।

ତୁ ଏବେ କେଉଁ ରାଜ ଉଆସରେ
ଆଉ କାହା ପାଟରାଣୀ
ଏଠି ମୁଁ ଜାଳୁଛି ଲୁହର ଜାଗର
ଶେଷ ନିଃଶ୍ୱାସକୁ ଗଣି।

କବି କୁଟୀର, ଡିଆଟିକିରୀ
ବିଂଝାରପୁର, ଯାଜପୁର
ମୋ - ୬୩୭୦୦୦୫୨୦୧

### ହେ ମାଧବ

**ପ୍ରଦୀପ୍ତ କୁମାର ମିଶ୍ର**

ହେ କୃଷ୍ଣ ଆପଣ କହିଥିବା
ପ୍ରେମର ସଂଜ୍ଞା
ଆଜି ଜଞ୍ଜିରରେ ବନ୍ଧା ମେଞ୍ଚାଏ
ଆବେଗ ମାତ୍ର
ସମସ୍ତେ ଅଭିନୟରେ ଧୂରିଣ,
ପ୍ରୀତି ଭାବନାର କେବଳ
ଯବନିକା ଭଳି।
ପୁଣିଥରେ ଫେରିବକି ଧରାକୁ ତମେ
ପ୍ରୀତିର ଧାରା ବୁହାଇ ଦେଇ ଏଇ
ମଣିଷ ମନରେ
ଭରିଦେବ ପ୍ରେମର ପୁଲକ।
ଏଠି ତମ ସୃଷ୍ଟିକୁ ଧ୍ୱଂସକରେ ପ୍ରତି
ମୁହୂର୍ତ୍ତରେ
ବାରମ୍ବାର ତମ ନାମ କରି ସଂକୀର୍ତ୍ତନ,
ଅହଂକାରରେ ବଦଳିଯାଏ
ଜୀବନର ସଂଜ୍ଞା।
ଆସିବକି ପ୍ରଭୁ ପୁଣି,
ବଂଶୀର ସ୍ୱନରେ ଭରିଦେବ
ପ୍ରେମର ସଙ୍ଗୀତ ଏ ମଣିଷକୁ
ପରିବର୍ତ୍ତନର ରାହାଦେଇ।
ପୁଣି ଥରେ ଗୀତାର ସଂଜ୍ଞାଦେଇ
ଖୋଲିଦେବ
ଅନେକ ସଞ୍ଚୟର ନିମିଳିତ ଆଖି।
ଆଉ ସେ ପ୍ରେମର ଧାରା ନାହିଁ ରାଧା
ହୋଇ ଲୋଟିଯିବ
ତମର ବକ୍ଷରେ ବାଢ଼ିଦେଇ ପ୍ରେମ
ପ୍ରେରଣାର ନିବେଦନ
ଏଠିଖାଲି ଜାନ୍ତବ ଯନ୍ତ୍ରଣା ଅହରହ
ବେଦନାରେ ପୀଡିତମନ।
ମିଛରେ ରାଧାରାଣୀ ସଂଜ୍ଞାନେଇ
ସୃଷ୍ଟିକଲେ
ପ୍ରୀତି ପାଇବାର ଅଦମ୍ୟ ପ୍ରୟାସ।
ଆସିବକି ଆଉଥରେ ଏହି
ଧରାଧାମକୁ ଦେଇ ପୁଣି
ଅମୃତ ସନ୍ଦେଶ।

+ ଅରେଇ, ଯାଜପୁର
ମୋ: ୯୬୫୮୬୧୪୭୨୮

# ଅଂଟା ବ୍ୟଥାକୁ ଅଣଦେଖା କରନ୍ତୁନି

**ଅଂଟାବ୍ୟଥାର କାରଣ:** ଅଂଟାର ଗଠନଶୈଳୀ ଅନୁସାରେ ମାଂସପେଶୀ, ସ୍ନାୟୁ, ଅସ୍ଥି, ଡିସ୍କ (ମେରୁଦଣ୍ଡ ଚକ୍ରିକା), ଲିଗାମେଣ୍ଟ ଇତ୍ୟାଦି ରହିଛି। ଏଥିରୁ ଯେକୌଣସି ଅଂଶରେ ଅସୁବିଧା ସୃଷ୍ଟି ହେଲେ ଅଂଟାବ୍ୟଥା ହୋଇପାରେ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ପାଖାପାଖି ୪୦% ଲୋକ



ସେମାନଙ୍କ ଜୀବନକାଳ ଭିତରେ ଅଂଟା ବ୍ୟଥାର ସମ୍ମୁଖୀନ ହୁଅନ୍ତି। ଏହା ୨୦ରୁ ୮୦ବର୍ଷ ପର୍ଯ୍ୟନ୍ତ ଦେଖାଦେଇପାରେ।

ସାଧାରଣତଃ ଅଣ୍ଟା ବ୍ୟଥାର କାରଣ ୩ ପ୍ରକାର: ଆଘାତଜନିତ ଅଂଟା ବ୍ୟଥା: ମାଂସପେଶୀ ମକଚି ହେବା, ଡିସ୍କ (ମେରୁଦଣ୍ଡ ଚକ୍ରିକା) ଖସିଯିବା, ହାଡ଼ର ସାନ୍ଧ୍ୟତା କମିଯିବା (ଅଷ୍ଟିଓପୋରୋସିସ) ହାଡ଼ଭାଙ୍ଗିଯିବା କାରଣରୁ ବ୍ୟଥାକୁ ବୈଜ୍ଞାନିକ ଭାଷାରେ ମେକାନିକଲ ଅଣ୍ଟା ବ୍ୟଥା କୁହାଯାଏ।

ଅନ୍ୟ ରୋଗଜନିତ: ଗଣ୍ଠିବାତ ଥିଲେ, ପ୍ରୋଷ୍ଟେଟ ବା ଥାଇରଏଡ଼ କ୍ୟାନ୍ସର ରହିଲେ, ଅସ୍ଥି ଯକ୍ଷ୍ମା ରୋଗ ଦ୍ୱାରା ଅଂଟା ବ୍ୟଥା ହେବାକୁ ନନମେକାନିକାଲ ଅଣ୍ଟା ବ୍ୟଥା କୁହାଯାଏ।

**ଅଂଟାବ୍ୟଥାର ଅନ୍ୟାନ୍ୟ:** ଅନ୍ୟ ଅଙ୍ଗର ଅସୁବିଧା ଯୋଗୁଁ ଅଂଟାବ୍ୟଥାକୁ ରେଫରଡଡ଼ ଅଂଟାବ୍ୟଥା କୁହାଯାଏ। ଯେପରିକି କିଡନୀ ଷ୍ଟୋନ, ଗଲବ୍ଲାଡର ରୋଗ, ଗର୍ଭାଶୟ ରୋଗରୁ ମଧ୍ୟ ଅଂଟାବ୍ୟଥାର ସମ୍ଭାବନା ରହିଛି।

**ଲକ୍ଷଣ:** କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅଂଟାରେ ବ୍ୟଥା ହେଲେ ମାଂସପେଶୀ ମକଚି ହେବାର ଲକ୍ଷଣ। ଯଦି ଅଂଟା ବ୍ୟଥା ଗୋଡ଼ ବା ପାଦକୁ ଅଗ୍ରସର ହୁଏ ଏହାକୁ ସିଆଟିକା ବୋଲି କୁହାଯାଏ।

- ଠିଆ ହେଲେ ବା ଚାଲିଲେ ଯଦି ଅଣ୍ଟା ବ୍ୟଥା ବଢ଼ିଯାଏ ଏବଂ ବସିଲେ ଭଲ ଲାଗେ ଏହାକୁ ନ୍ୟୁରୋଲୋଜିକ କ୍ଲଡିକେସନ କୁହାଯାଏ। ମେରୁଦଣ୍ଡର ସ୍ନାୟୁ ପ୍ରଭାବିତ



ହେଲେ ଏହା ହୋଇଥାଏ।

- ଅଂଟାବ୍ୟଥା ସକାଳେ ଉଠିଲେ ବେଶୀ ହୁଏ ଏବଂ ଚଲାବୁଲା ପରେ କମିଯିଏ ଏହାକୁ 'ମର୍ଣ୍ଣିଙ୍ଗ ଷ୍ଟିଫନେସ' କୁହାଯାଏ। ଏହା ସାଧାରଣତଃ ଅଙ୍କାଇଲୋଜିଂ



ସ୍ପଣ୍ଡିଲାଇଟିସ ଗଣ୍ଠିବାତ ରୋଗର ଲକ୍ଷଣ ହୋଇଥାଏ।

**ରେଡ଼ଫ୍ଲାଗ ଲକ୍ଷଣ ଗୁଡ଼ିକ କ'ଣ ?**

ଅଂଟାବ୍ୟଥା ଅସହ୍ୟ ହେବା ସହ ଅନ୍ୟ କେତେଗୁଡ଼ିଏ ଲକ୍ଷଣ ଦେଖାଗଲେ ଏହା ଭୟଙ୍କର ରୋଗ ଗୁଡ଼ିକର କାରଣ ହୋଇଥାଏ। ଏହାକୁ ରେଡ଼ଫ୍ଲାଗ ଲକ୍ଷଣ କୁହାଯାଏ। ଯେପରିକି ଅଂଟାବ୍ୟଥା ଅଧିକ ଦିନ ରହି ରାତିରେ ଅଧିକ ଯନ୍ତ୍ରଣା ହେବା, ଓଜନ ଧୀରେ ଧୀରେ ହ୍ରାସ ପାଇବା ଆଦି କ୍ୟାନ୍ସରର ଲକ୍ଷଣ ହୋଇପାରେ। ଅଂଟା ଯନ୍ତ୍ରଣା ଅଧିକ ବଢ଼ି ଝାଡ଼ା ଓ ପରିସ୍ରାରେ ନିୟନ୍ତ୍ରଣ ନରହିବା, ଗୋଡ଼ରୁ ଶକ୍ତି କମିଯାଇ ଚପଲ ପିନ୍ଧିଲେ ପାଦରୁ ଚପଲ ଖସିଯିବା 'କଡ଼ା ଇକ୍ୱିନା ସିଣ୍ଡ୍ରୋମ'ର ଲକ୍ଷଣ ହୋଇପାରେ। ଅନ୍ୟ କୌଣସି ରୋଗ ପାଇଁ ଷ୍ଟେରଏଡ଼ ଔଷଧ ଖାଇବା ସହ ଅଣ୍ଟା ଯନ୍ତ୍ରଣା ଅଧିକ ହେଲେ ଅଷ୍ଟିଓପୋରୋସିସ ଫ୍ରାକଚର ସମ୍ଭାବନା ଥାଏ।

**ପରୀକ୍ଷା:** ମାଂସପେଶୀ ମକଚି ବ୍ୟଥା ହେଉଥିଲେ କୌଣସି ଟେଷ୍ଟର ଦରକାର ନାହିଁ। ଯଦି ରେଡ଼ଫ୍ଲାଗ୍ ଲକ୍ଷଣ ଥାଏ ତେବେ ଏକ୍ସରେ ଏବଂ ଏମଆରଆଇ କରାଯାଏ। ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ସନ୍ଦେହ ଥିଲେ ରକ୍ତ ପରୀକ୍ଷା ଯେପରିକି ଇଏସଆର, ସିଆରପି, ଏଚଏଲଏବି-୨୭ କରାଯାଏ।

ଚିକିତ୍ସା ସୁବିଧା: ଅଂଟା ବ୍ୟଥା ହେଲେ ପ୍ରଥମେ ତାର କାରଣ ଜାଣିବା ଦରକାର। ଯଦି କୌଣସି ରେଡ଼ ଫ୍ଲାଗ୍ ଲକ୍ଷର ନାହିଁ ତେବେ ଉପଯୁକ୍ତ ବ୍ୟାୟାମ ଦ୍ୱାରା ଏହା ଠିକ୍ ହୋଇଯାଏ। ଅଧିକ ଦରଜ ହେଲେ



ପାରାସିଟାମଲ ଓ ପେନକିଲର ଅଳ୍ପଦିନ ପାଇଁ ବ୍ୟବହାର କରିହେବ। କିନ୍ତୁ ଏହା ବେଶୀ ଦିନ ଖାଇଲେ ଏହାର କୁପ୍ରଭାବ ଖାଦ୍ୟନଳୀ, ବୃକକ ଓ ହାର୍ଟ ଉପରେ ପଡ଼ିବାର ସମ୍ଭାବନା ଅଛି। ତେଣୁ ଅଂଟା ବ୍ୟଥା ଯଦି ୬ ସପ୍ତାହ ମଧ୍ୟରେ କମ୍ ନହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଯଦି ଗଣ୍ଠିବାତ ବା ଆଙ୍କାଇଲୋଜିଂ ସ୍ପଣ୍ଡାଲାଇଟିସ ରୋଗ ଚିହ୍ନଟ ହୁଏ ତେବେ ରୁ୍ୟମାଟୋଲୋଜିଷ୍ଟଙ୍କ ପରାମର୍ଶ ନିଅନ୍ତୁ। ବେଳେବେଳେ ମେରୁଦଣ୍ଡ ଚକ୍ରିକା ସମ୍ବନ୍ଧୀୟ ରୋଗ ଥିଲେ ଅସ୍ତ୍ରୋପଚାର ଦରକାର ପଡ଼ିଥାଏ। ଯାହା ଉଚ୍ଚତାଲିମ ପ୍ରାପ୍ତ ନ୍ୟୁରୋସର୍ଜନ ବା ଅର୍ଥୋପେଡିକ ସ୍ପେଶାଲିଷ୍ଟମାନେ କରିଥାନ୍ତି।

**ପ୍ରତିକାର:** ସାଧାରଣ ଅଂଟା ବ୍ୟଥାରୁ ମୁକ୍ତି ପାଇଁ ନିୟମିତ ବ୍ୟାୟାମ ସହ ଓଜନ ନିୟନ୍ତ୍ରଣରେ ରଖନ୍ତୁ। କର୍ମକ୍ଷେତ୍ରରେ ଚେୟାରରେ ବସିବା ସମୟରେ ସିଧା ବସନ୍ତୁ। ନରମ ଚପଲ ବ୍ୟବହାର କରନ୍ତୁ ହାଇହିଲ୍ ଠାରୁ ଦୂରେଇ ରୁହନ୍ତୁ। ଶୋଇବା ସମୟରେ ତକିଆ ଦୁଇ ଆଣ୍ଠୁ ମଧ୍ୟରେ ଦେଇ ଶୋଇଲେ ଏହା ଅଂଟାକୁ ଆରାମ ଦିଏ। ଭାରି ଜିନିଷ ଅଂଟାନୁଆଇ ଉଠାନ୍ତୁ ନାହିଁ। ପ୍ୟାଣ୍ଟ ପକେଟରେ ମୋଟା ପର୍ସ ରଖି ବସନ୍ତୁ ନାହିଁ। ଶୋଇବା ବେଳେ ସମତୁଲ ଓ କମ ଉଚ୍ଚତାର ଶଯ୍ୟା ବ୍ୟବହାର କରନ୍ତୁ।

# କମ୍ ସମୟରେ ଦାଗ ଗାଏବ୍

**ଆମ ଘରେ ଥିବା ବିଭିନ୍ନ ପସନ୍ଦିଆ ଜିନିଷରେ କେବେ କେବେ ଏମିତି ଦାଗ ଲାଗିଯାଏ, ଯାହାକୁ ଛଡ଼ାଇବା ପାଇଁ ଆମେ ଚିନ୍ତାରେ ପଡ଼ିଯାଉ। ଏହି ଦାଗ ଛଡ଼ାଇବା ପାଇଁ ଆମେ ନାକେଦମ୍ ହେଉ, ମାତ୍ର ତାହା ଛାଡ଼ି ନଥାଏ। ତେବେ ଏମିତି କିଛି ସରଳ ଉପାୟ ଅଛି, ଯାହା ଜରିଆରେ କେତେକ ଦାଗକୁ ଖୁବ୍ ସହଜରେ ଛଡ଼ାଇପାରିବା। ବାସ୍ ଜାଣିଲେ ହେଲା। ଏଇ ଯେମିତି...**

- ଆମେ ପରିବାପତ୍ର କାଟିବା ପାଇଁ ଚପିଂ ବୋର୍ଡ଼ ବ୍ୟବହାର କରିଥାଉ। ବାରମ୍ୱାର ବ୍ୟବହାର କରିବା ପରେ ଏଥିରେ ବିଭିନ୍ନ ଦାଗ ରହିଯାଏ, ଆଉ ଦେଖିବାକୁ ଭଲ ଲାଗେନା। ଏହି ଦାଗ ଛଡ଼ାଇବା ପାଇଁ ଚପିଂ ବୋର୍ଡ଼ ଉପରେ ଲୁଣ ପକାଇ କଟା ଲେମ୍ବୁ ପକାଇ କଟା ଲେମ୍ବୁ ଦେଇ ଚିପୁଡ଼ି ଭଲ ଭାବେ ଘଷନ୍ତୁ। ଚପିଂ ବୋର୍ଡ଼ରେ ଥିବା ସମସ୍ତ ଦାଗ ଛାଡ଼ିଯିବ ଓ ନୂଆ ଭଳି ଚିକ୍ ଚିକ୍ ବି ଦେଖାଯିବ।

- ଘରେ ଭେଲଭେଟ୍ ସୋଫାକୁ କିଛିଦିନ ଅନ୍ତରରେ ସଫା କରିବା ପାଇଁ ଆପଣ ବେକିଂ ପାଉଡ଼ର ବ୍ୟବହାର କରିପାରିବେ। ପ୍ରଥମେ ସୋଫାରେ ବେକିଂ ପାଉଡ଼ର ଛଞ୍ଚି ଦିଅନ୍ତୁ। ୫ ମିନିଟ୍ ପରେ ଭାକ୍ୟୁମ୍ କ୍ଲିନରରେ ସଫା କରିନିଅନ୍ତୁ। ସମସ୍ତ ଧୂଳିମଳି ଭଲ ଭାବେ ସଫା ହୋଇଯିବ।

- ଯଦି କାଚ ବାସନରେ କୌଣସି ଦାଗ ଲାଗିଯାଇଛି, ତେବେ ଆଲୁମିନିୟମ ଫଏଲକୁ ବଲ ଆକାର କରି ଏଥିରେ ଓ୍ୱାସିଂ ପାଉଡ଼ର୍ ନେଇ କାଚ ବାସନରେ ଘଷନ୍ତୁ। ଦାଗ ବି ଛାଡ଼ିଯିବ ଓ କାଚରେ ଗାର ବି ପଡ଼ିବନି।

- ଯଦି ଟେବୁଲ କ୍ଲଥ୍ ବା ଡ୍ରେସ୍‌ରେ କଫିର ଦାଗ ଲାଗିଥାଏ, ତେବେ ପ୍ରଥମେ କପଡ଼ାକୁ ଓଦା କରିନିଅନ୍ତୁ। ତା'ପରେ ବେକିଂ ପାଉଡ଼ର ପକାଇ ଛାଡ଼ି ଦିଅନ୍ତୁ। କିଛି ସମୟପରେ ଏହାକୁ ସାମାନ୍ୟ ଘଷି ଧୋଇ ଦିଅନ୍ତୁ। ଦାଗ ଛାଡ଼ିଯିବ।

# ଉତ୍ତମ ଜୀବନଶୈଳୀରୁ ସୁସ୍ଥ ହୃତପିଣ୍ଡ



-ସକାଳୁ ଉଠି ପ୍ରତିଦିନ ଦୁଇରୁ ତିନି କିମି ପର୍ଯ୍ୟନ୍ତ ଚାଲନ୍ତୁ।
- ନିୟମିତ ବ୍ୟାୟାମ କରନ୍ତୁ।
- ଭୋଜନରେ ପ୍ରତିଦିନ ଫଳ ଓ ପରିବା ସାମିଲ କରନ୍ତୁ।
- ଖାଇବା ସମୟରେ ଖାଦ୍ୟ ଚୋବେଇ ଚୋବେଇ ଖାଆନ୍ତୁ।
- ମିଠା କମ୍ ପରିମାଣରେ ଖାଆନ୍ତୁ। କାରଣ ଅଧିକ ପରିମାଣରେ ମିଠା ଖାଇବା ଦ୍ୱାରା ମୋଟା ହେବାର ସମ୍ଭାବନା ରହିଛି।
- ଚାଲିବା ଅଭ୍ୟାସ ରଖନ୍ତୁ। ଉପରକୁ ଚଢ଼ିବା ବେଳେ ସିଡ଼ିର ବ୍ୟବହାର କରନ୍ତୁ।
- ଧୂମପାନ ଓ ମଦ ସେବନ କରନ୍ତୁନାହିଁ।
- ପ୍ରତିଦିନ ପାଂଚମିନିଟ ଧ୍ୟାନରେ ବସନ୍ତୁ ଏହାଦ୍ୱାରା ଚିନ୍ତାରୁ ମୁକ୍ତି ମିଳିଥାଏ।
- ତିନିରୁ ଚାରି ଲିଟର ପାଣି ପିଅନ୍ତୁ। ହୃଦରୋଗ ଦୂରହେବ।

# ପରିସ୍ରା ରୋକନ୍ତୁ ନାହିଁ

**କେତେକ ଲୋକ ବ୍ୟସ୍ତତା ମଧ୍ୟରେ ରହି ପରିସ୍ରା ରୋକିଥାନ୍ତି। ହେଲେ ୨/୩ ଘଂଟାରୁ ଅଧିକ ସମୟ ପରିସ୍ରା ନଯାଇ ରୋକିବା ଦ୍ୱାରା ବିଭିନ୍ନ ପ୍ରକାର ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ସେହି ସମସ୍ୟାଗୁଡ଼ିକ...**



**କିଡନୀ ଷ୍ଟୋନ:** ପରିସ୍ରାରେ ୟୁରିଆ ଓ ଏମିନୋ ଏସିଡ଼ ପରି ବିଷାକ୍ତ ତତ୍ତ୍ୱ ରହିଛି। ଯଦି ନିୟମିତ ଭାବରେ ଦୀର୍ଘ ସମୟଧରି ପରିସ୍ରା ନଯାଇ ରୋକାଯାଏ, ତେବେ ଏହି ବିଷାକ୍ତ ତତ୍ତ୍ୱ କିଡନୀରେ ପହଞ୍ଚି ଷ୍ଟୋନ କରିଯାଇଥାଏ।

**ପରିସ୍ରା ନଳୀ ସଂକ୍ରମଣ:** ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ବ୍ୟାକ୍ଟେରିଆ ଜମା ହୋଇଯାଏ। ଏହି ବ୍ୟାକ୍ଟେରିଆ ଯୋଗୁଁ ପରିସ୍ରା ନଳୀ ସଂକ୍ରମଣ ପରି ସମସ୍ୟା ଉପୁଜିଥାଏ।

**ମୂତ୍ରାଶୟରେ ଯନ୍ତ୍ରଣା:** ଅଧିକ ସମୟଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଯନ୍ତ୍ରଣା ହେବା ଆରମ୍ଭ ହୋଇଥାଏ। ଏପରିକି ପରିସ୍ରା ଯିବା ସମୟରେ ପେଟ ବହୁତ ଦରଜ ଲାଗିଥାଏ।

**କିଡନୀ ଅକାମୀ:** ଅଧିକ ସମୟ ପରିସ୍ରା ରେକିବା ଦ୍ୱାରା କିଡନୀ ଉପରେ ଚାପ ପଡ଼ିଥାଏ। ଏହି କାରଣରୁ କିଡନୀ ଅକାମୀ ହେବାର ଅଧିକ ଆଶଙ୍କା ଥାଏ।

**ପରିସ୍ରା ରଙ୍ଗ ବଦଳିଯିବା:** ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ପରିସ୍ରାରେ ବ୍ୟାକ୍ଟେରିଆ ତିଆରି ହୋଇଥାଏ। ଏଥିପାଇଁ ପରିସ୍ରାର ରଙ୍ଗ ଗାଢ଼ ହଳଦିଆ ହେବା ସହ ବହୁତ ଦୁର୍ଗନ୍ଧ ମଧ୍ୟ ହୋଇଥାଏ।

**ମାଂସପେଶୀ ଦୁର୍ବଳ ହେବା:** ଦୀର୍ଘସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଷ୍ଟୋଚିଙ୍ଗ ହୋଇଥାଏ। ଏହାଦ୍ୱାରା ମୂତ୍ରାଶୟ ମାଂସପେଶୀ ଦୁର୍ବଳ



ହୋଇଥାଏ। ଏହାସହିତ ଦରଜ ମଧ୍ୟ ଲାଗିଥାଏ।

# ବାସ୍ତୁ ଅନୁସାରେ ଲଗାନ୍ତୁ ଏହିସବୁ ଗଛ, ପ୍ରାପ୍ତ ହେବ ସକାରାତ୍ମକ ଶକ୍ତି

**ସକାରାତ୍ମକ ଶକ୍ତି ବୃଦ୍ଧ ପାଇଁ ବାସ୍ତୁଶାସ୍ତ୍ରରେ ବିଭିନ୍ନ ପ୍ରକାର ଗଛର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି। ଉକ୍ତ ଗଛଗୁଡ଼ିକୁ ସକାରାତ୍ମକ ଶକ୍ତିର ଉତ୍ସ ବୋଲି କୁହାଯାଏ। ତେବେ ବାସ୍ତୁ ନିୟମ ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କେଉଁସବୁ ଗଛ ରଖିପାରିବେ ଆସନ୍ତୁ ଜାଣିବା...**



**ତୁଳସୀ:** ଧାର୍ମିକ ଓ ବାସ୍ତୁ ନିୟମ ଅନୁସାରେ, ତୁଳସୀ ଗଛ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସକାରାତ୍ମକ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ। ତୁଳସୀ ଗଛ ଦ୍ୱାରା ଘରର ଆଖପାଖର ପରିବେଶ ସୁଗନ୍ଧିତ ରହିବା ସହିତ ଏହା ସକାରାତ୍ମକ ଶକ୍ତି ଏବଂ ଧନସମ୍ପଦକୁ ଆକର୍ଷିତ କରିଥାଏ। ତେଣୁ ତୁଳସୀ ଗଛ ଘର ପାଇଁ ଭାଗ୍ୟଶାଳୀ ବୋଲି ବିବେଚନା କରାଯାଏ।

**ମଲ୍ଲୀ:** ଘରର ସକାରାତ୍ମକ ଶକ୍ତି ବୃଦ୍ଧି ପାଇଁ ମଲ୍ଲୀ ବେଶ୍ ଲାଭଦାୟକ। ଏହାର ସୁଗନ୍ଧ ଶରୀର ଏବଂ ମନକୁ ସତେଜ ରଖିଥାଏ। କୁହାଯାଏ ଯେ, ଯଦି ମୁଖ୍ୟ ଦ୍ୱାରରେ ମଲ୍ଲୀ ଗଛ ଅଛି, ତେବେ ଏହା କେବଳ ଘରକୁ ସୁଗନ୍ଧରେ ପରିପୂର୍ଣ୍ଣ କରିବ ନାହିଁ, ବରଂ ଧନ ମଧ ବୃଦ୍ଧି କରିଥାଏ।

**ମନିପ୍ଲାଣ୍ଟ:** ମନିପ୍ଲାଣ୍ଟକୁ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ମନିପ୍ଲାଣ୍ଟକୁ ଘର ଭିତରେ କିମ୍ବା ଘର ବାହାରେ ମଧ ଲଗାଯାଇପାରିବ। ଏହାଦ୍ୱାରା ପରିବାରରେ ଖୁସିର ମାହୋଲ୍ ରହିଥାଏ। ମନିପ୍ଲାଣ୍ଟ ଦ୍ୱାରା ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ।

**ତାଳ ଗଛ:** ତାଳ ଗଛକୁ ବାୟୁ ବିଶୋଧକ ଭାବେ ବିବେଚନା କରାଯାଏ। ତେଣୁ ଏହାକୁ ଘରର ମୁଖ୍ୟ ଦ୍ୱାର ପାଖରେ ଲଗାଇ ପାରିବେ। ଘରର ମୁଖ୍ୟ ଦ୍ୱାରରେ ତାଳ ଗଛ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ।

**ଫର୍ଣ୍ଣ ଗଛ:** ଫର୍ଣ୍ଣ ଗଛ ଦେଖୀବା ପାଇଁ ଯେତିକି ସୁନ୍ଦର, ଘର ପାଇଁ ସେତିକି ଭାଗ୍ୟଶାଳୀ ମଧ ହୋଇଥାଏ। ବୋଷ୍ଟର୍ଣ୍ଣ ଫର୍ଣ୍ଣ ଗଛକୁ ଘରର ମୁଖ୍ୟ ଦ୍ୱାରରେ ସଜାଇ ରଖୀପାରିବେ। ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଏହା ସହିତ ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ।

**କମଳା ଗଛ:** ଫେଙ୍ଗ୍‌ସୁଇ ଅନୁସାରେ, ଲେମ୍ବୁ ବା କମଳା ଗଛ ମଧ ଘର ପାଇଁ ବହୁତ ଶୁଭ ବୋଲି କୁହାଯାଏ। ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ। ଏହାକୁ ଘରର ମୁଖ୍ୟ କବାଟର ଠିକ୍ ସାମନାରେ ରଖୀବା ପରିବର୍ତ୍ତେ ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ରଖନ୍ତୁ।

# ଓଡ଼ିଶା ବଜାର ସବୁଠୁ ମହଙ୍ଗା: ଖୁଚୁରା ମୁଦ୍ରାସ୍ଫୀତି ଜାତୀୟ ହାରଠୁ ଅଧିକ



ଭୁବନେଶ୍ୱର, ୧୪/୧୧ (ନି.ପ୍ର): ସାରା ଦେଶରେ ଅକ୍ଟୋବରରେ ଖାଇବା ସାମଗ୍ରୀ ଦାମ୍ କମ୍ ହେବାରୁ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭ ପ୍ରତିଶତକୁ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଜାତୀୟ ହାରଠାରୁ ଅଧିକ ଅର୍ଥାତ ୬.୪୭ ପ୍ରତିଶତ ରହିଛି। ରାଜ୍ୟର ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨୮ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ୬.୯୬ ପ୍ରତିଶତ ରହିଛି। ଏଥିରୁ ଏହା ପ୍ରତିଫଳିତ ହେଉଛି ଯେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଦରଦାମ୍ ଚିନ୍ତା ସାମାନ୍ୟ ଅଧିକ ରହିଛି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ସାରା ଦେଶରେ ସର୍ବାଧିକ ରହିଛି। ୬ ପ୍ରତିଶତରୁ ଅଧିକ ମୁଦ୍ରାସ୍ଫୀତି ହାର ଥିବା ଅନ୍ୟ ଦୁଇ ରାଜ୍ୟ ହେଉଛି ରାଜସ୍ଥାନ (୬.୨୫%) ଓ ହରିୟାଣା (୬.୦୨%)। ନଭେମ୍ବରରେ ଓଡ଼ିଶାରେ ବିଭିନ୍ନ ପନିପରିବା ଦାମ ଅପେକ୍ଷାକୃତ ମହଙ୍ଗା ରହିଛି। ଖୁଚୁରା ବଜାରରେ ଆଳୁ କେଜି ୨୦ ଟଙ୍କା ଥିବା ବେଳେ ପିଆଜ ଦାମ୍ ୬୦ ଟଙ୍କା, ଟମାଟୋ ୪୦ ଟଙ୍କା ବାଇଗଣ କେଜି ୩୦-୪୦ ଟଙ୍କା, କଖାରୁ ୨୦ ଟଙ୍କା, ପୋଟଳ ୫୦ ଟଙ୍କା, ତିନି ବିଡ଼ା ଶାଗକୁ ୨୦ ଟଙ୍କା, କଲରା ୬୦ ଟଙ୍କା, ୩ ଟିକିଆ ମୂଳା ବିଡ଼ାକୁ ୨୦ ଟଙ୍କା, ଫୁଲ କୋବି ୩୦-୫୦ ଟଙ୍କା ଏବଂ ବନ୍ଧା କୋବି କେଜି ୨୦ ଟଙ୍କା ରହିଛି। ରାଜ୍ୟରେ ପିଆଜ ଓ ଟମାଟୋ ଦାମ୍ ଉଚ୍ଚା ରହିଛି। କାର୍ତ୍ତିକ ମାସ ଚାଲିଥିବାରୁ ଅଧିକାଂଶ ଲୋକ ନିରାମିଷ ଭୋଜନ ଉପରେ ଧ୍ୟାନ ଦେଉଥିବା ବେଳେ ପନିପରିବା ଦାମ୍ ଉଚ୍ଚା ରହିବା ପରିବାରର ରୋଷେଇ ବଜେଟ୍ ଉପରେ ପ୍ରଭାବ ସୃଷ୍ଟି କରିଛି।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ଜଳାଭିଷେକ କାର୍ଯ୍ୟକ୍ରମ

ବଲାଙ୍ଗିର, ୧୪/୧୧ (ନି.ପ୍ର): ବରିଷ୍ଠ ନାରିକ ମଂଚ ର ଧବଳେଶ୍ୱର ମନ୍ଦିର ଖୁଜେନପାଲି ଠାରେ ଏକ ଜଳାଭିଷେକ କାର୍ଯ୍ୟକ୍ରମ ମହାସମାରୋହ ରେ ପାଳିତ ହୋଇଯାଇଛି । ଜଳାଭିଷେକ ସହିତ ପ୍ରବଚନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ତରଫରୁ ଆର୍ତ୍ତତ୍ରାଣ ମିଶ୍ର ସପତ୍ନୀକ ପୂଜାରେ କର୍ତ୍ତା ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଦୀପ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଶାନ୍ତିପ୍ରୀୟା ହୋତା ପ୍ରବଚନ କାର୍ଯ୍ୟ ବୋଧରମ୍ୟ ମତେ ସମାହିତ କରିଥିଲେ । ପ୍ରଥମେ ଶିବଙ୍କ ମନ୍ତ୍ର ଉଚ୍ଚରଣ କରି ପ୍ରବଚନ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ପ୍ରବଚକ ଦ୍ୱୟଙ୍କ ପରିଚୟ ପ୍ରଦାନ ପୂର୍ବକ ସମସ୍ତ ବରିଷ୍ଠ ନାଗରିକ ତଥା ତାଙ୍କ ଧର୍ମପତ୍ନୀମାନଙ୍କ ସ୍ୱାଗତ କରିଥିଲେ । ଉପସଭାପତି ବିରଞ୍ଚ ହୋତା ପ୍ରବଚକ ଦ୍ୱୟଙ୍କୁ ଉପଢୌକନ ପ୍ରଦାନ କରିଥିଲେ । ପ୍ରବଚନ ସମାପ୍ତି ପରେ ଅନୁଷ୍ଠାନର ଉପଦେଷ୍ଟା ଧନଞ୍ଜୟ ମିଶ୍ର ପ୍ରବଚକ ଦ୍ୱୟଙ୍କୁ ଓ ଉପସ୍ଥିତ ନାଗରିକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସମୁଦାୟ କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ସଂଗଠନର ସଭାପତି ପ୍ରଭାକର ମିଶ୍ର, ସଂଗଠନ ସଂପାଦକ ବିନୟ ମିଶ୍ର, କୋଷାଧକ୍ଷ ନରେନ୍ଦ୍ର କବାଟ, ଅତିରିକ୍ତ ସମ୍ପାଦକ ସୁନିଲ ଚନ୍ଦ୍ର ବିସ୍ୱାଲ, ଯୁଗ୍ମ ସଂପାଦକ ନିଳାଂଚଳ ଚିର୍ଗୁଣ, କାର୍ଯ୍ୟକାରୀ ସଦସ୍ୟ ସୁରେନ୍ଦ୍ର ନେଗୀ, ଉପଦେଷ୍ଟା ବାସୁଦେବ ମେହେର, ଉପସଭାପତି ପ୍ରଫୁଲ୍ଲ ସାହୁ, ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଦର୍ଜୀ, ପୂର୍ଣ୍ଣଚନ୍ଦ୍ର ମେହେର, ମଲିଆ ଗଡୁଆ, ପ୍ରମୋଦ ଗୁରୁ ଇତ୍ୟାଦି ଙ୍କ ସହଯୋଗ ରେ ସମାହିତ ହୋଇଥିଲା ।

# ଚିତ୍ରକୋଣ୍ଡା ବ୍ଲକରେ ଆରମ୍ଭରୁ ଆଣ୍ଠେଇଲାଣି ଲକ୍ଷ୍ମୀ ବସ୍

ମାଲକାନଗିରି, ୧୪/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ ସେବା ଆରମ୍ଭ ହେବାର ୧ ମାସ ନପୂରୁଣୁ ବିଭିନ୍ନ ସ୍ଥାନରେ ଏହି ବସ ର ସୁବିଧା ଠିକ ଭାବେ ଜନସାଧାରଣ ପାଇ ପାରୁନଥିବା ଏପରିକି ଅଧା ବାଟରେ ଯାତ୍ରୀଙ୍କୁ ଛାଡି ଚାଲି ଯାଉଥିବା ଭଳି ଅଭିଯୋଗର ଲମ୍ବା ଫର୍ଦ ଦିନକୁ ଦିନ ବଢ଼ିବା ସହ ଆରମ୍ଭରୁ ହିଁ ଏହା ଆଣ୍ଠେଇବାରେ ଲାଗି ଥିବା ଆଲୋଚନା ହେଉଛି। ଗତକାଲି ସନ୍ଧ୍ୟାରେ ଲକ୍ଷ୍ମୀ ବସ ଚିତ୍ରକୋଣ୍ଡାରୁ କୁରୁମାନୁର ଯାଉଥିବା ସମୟରେ ଡ୍ୟାମ ପାଖରେ ବସ ର ବ୍ରେକ ଡାଉନ ହେଇଯାଇଥିଲା। ବସରେ କୁରୁମାନୁର, ପପୁଲୁର, କପାତୁଟି, ଗୁଣ୍ଡାଓ୍ୱାଡା, ନୂଆଗୁଡା ଓ ଦୋରାଗୁଡା ଗ୍ରାମପଂଚାୟତର ୬୦ ରୁ ଉର୍ଦ୍ଧ ଯାତ୍ରୀ ଥିଲେ। ସେମାନଙ୍କୁ କିଛି ବିକଳ୍ପ ବ୍ୟବସ୍ଥା ନ କରି ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ସେଠାରେ ଓହ୍ଲାଇ ଦେଇ ଚିତ୍ରକୋଣ୍ଡାକୁ ବସଟି ପଳେଇ ଆସିଲା। ଯାହା ଦ୍ୱାରା ଯାତ୍ରୀ ମାନେ ବହୁତ ଅସୁବିଧାରେ ରାତ୍ରର ଅନ୍ଧାରରେ ଚାଲି ଚାଲି ୨୫ କି.ମି. ଦୂର ନିଜ ନିଜ ଗାଁକୁ ଯାଇଥିଲେ। ଏହି ୬ ଟି ପଂଚାୟତକୁ ଆସୁଥିବା ଏକ ମାତ୍ର ଲକ୍ଷ୍ମୀ ବସ ପୂର୍ବରୁ ୩ ଥର ଏମିତି ଖରାପ ହୋଇଥିଲା । ଚିତ୍ରକୋଣ୍ଡା ବ୍ଲକ ପାଇଁ ଚାରଟି ଲକ୍ଷ୍ମୀ ବସ ଯୋଗାଇ ଦିଆଯାଇଛି । କୌଣସି ବସ ରାସ୍ତାରେ ଖରାପ ହେଲେ ଯାତ୍ରୀ ମାନଙ୍କୁ ନେଇ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଂଚାଇବା ପାଇଁ ଗୋଟିଏ ବସ ସ୍ୱତନ୍ତ୍ର ଭାବେ ଚିତ୍ରକୋଣ୍ଡା ବସଷ୍ଟାଣ୍ଡରେ ରଖିବା ଏବଂ ପାପୁଲୁର, କୁରମାନୁର, କପାତୁଟି, ଗୁଣ୍ଡାବାଡ଼ା, ନୂଆଗୁଡା, ଦୋରାଗୁଡା, ଏହି ୬ ଟି ପଞ୍ଚାୟତ ପାଇଁ ଆଉ ଗୋଟିଏ ବସ ଯୋଗାଇଦେବା ପାଇଁ ଅଂଚଳ ବାସୀ ଦାବୀ କରିଛନ୍ତି। ଏହି ବସ ଗୁଡିକର ତଦାରଖ ଦାୟିତ୍ୱରେ ଚିତ୍ରକୋଣ୍ଡା ବ୍ଲକ ପାଇଁ ଥିବା ସୁପରଭାଇଜର ଠିକ ଭାବେ ପରିଚାଳନା କରୁନଥିବା ଅଭିଯୋଗ ହେଉଛି।

# ବ୍ଲକ ଅଫିସରେ ତାଲା ପକାଇଲେ ସମିତିସଭ୍ୟ

ମାଲକାନଗିରି, ୧୪/୧୧ (ନି.ପ୍ର): ବ୍ଲକ ଅଫିସରେ ତାଲା ପକାଇଲେ ସମିତିସଭ୍ୟ । ପୋଲିସ ସହାୟତାରେ ତାଲା ଭାଙ୍ଗିଲେ ବିଡିଓ । ମାଲକାନଗିରି ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଅଣ ବିଜେଡି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ମାଲକାନଗିରି ବିଡିଓ ପ୍ରଭାତୀ ଝଡିଆଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ୯ ଜଣ ସମିତି ସଭ୍ୟ ଆଜି ବ୍ଲକ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ମୁଖ୍ୟ ଗେଟରେ ତାଲା ପକାଇ ବିଡିଓଙ୍କ ବିରୋଧରେ ନାରାବାଜି କରିଥିଲେ । ସମିତି ସଭ୍ୟ ଓ ବ୍ଲକ ଉପାଧ୍ୟକ୍ଷଙ୍କ କହିଛନ୍ତି ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା ସହ ବ୍ଲକରେ ଚାଲୁଥିବା ଉନ୍ନୟନ କାମ ବିଷୟରେ ସମିତି ସଭ୍ୟମାନଙ୍କୁ ଅବଗତ କରାଉନାହାନ୍ତି ବିଡିଓ । ଲୋକଙ୍କ ଅଭିଯୋଗ ନେଇ ଆସୁଥିବା ଲୋକପ୍ରତିନିଧି ମାନେ ବିଡିଓଙ୍କୁ ଦେଖା କରିବାକୁ ଆସିଲେ ଦେଖା ନକରି ଦିନ ଦିନ ଧରି ବୁଲାଉଛନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଯାହା ସବୁ କାର୍ଯ୍ୟ ବା ଆକ୍ସନ ପ୍ଲାନ ଅନୁମୋଦନ କରାଯାଉଛି, ସେଥି ରେ ଆମର ମତାମତ ନିଆ ଯାଉନାହିଁ । ଆମେ କଂଗ୍ରେସ ଓ ବିଜେପି ସମର୍ଥିତ ଜନ ପ୍ରତିନିଧି ହୋଇଥିବାରୁ ସବୁବେଳେ ବିଡ଼ିଓ ଏବଂ ବ୍ଲକ କର୍ମଚାରୀମାନେ ଆମକୁ ଅଣଦେଖାକରୁଛନ୍ତି । ବିଡ଼ିଓ ବୋଧହୁଏ ବିଜେଡିର ଏଜେଂଟ ହୋଇ ଆସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର । ଏହାକୁ ନେଇ ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାର ଉଚ୍ଛେଦ କରିବାକୁ ସେମାନେ ଦାବି କରିଛନ୍ତି । ବ୍ଲକ କାର୍ଯ୍ୟାଳୟରେ ତାଲା ପଡିଥିବାରୁ ବ୍ଲକର କାର୍ଯ୍ୟ କରୁଥିବା କର୍ମଚାରୀମାନେ ବାହାରେ ଛିଡାହୋଇ ରହିଥିବା ଦେଖିବାକୁ ମିଳିଥିଲା । ଏହାର କିଛି ସମୟ ପରେ ସେଠାରେ ସ୍ଥାନୀୟ ବିଡିଓ ଆସି ଉପାଧ୍ୟକ୍ଷ ଓ ସମିତି ସଭ୍ୟମାନଙ୍କୁ ତାଲା ଖୋଲିବାକୁ ଅନୁରୋଧ କରିଥିଲେ । ହେଲେ ସେମାନେ ତାଲା ନଖୋଲିବାରୁ ବିଡିଓ ମାଲକାନଗିରି ପୋଲିସର ସହାୟତା ନେଇଥିବା ଜଣାପଡିଛି । କିଛି ସମୟ ପରେ ପୋଲିସ ଆସି ସେମାନଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ସେପଟେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଡିଓ ପ୍ରଭାତୀ ଝଡିଆ ।

# ବେଳାଭୂମିରେ ବାଲୁକା କଳା ଦେଖିବାକୁ ଭିଡ଼

ପୁରୀ, ୧୪/୧୧ (ନି.ପ୍ର): ସ୍ୱଚ୍ଛ ଏବଂ ପ୍ରଦୂର୍ଷଣ ମୁକ୍ତ ଦୀପାବଳୀର ସଚେତନତା ପାଇଁ ପୁରୀ ପୌରପାଳିକାର ଅଭିନବ ପ୍ରୟାସ କରାଯାଇଥିଲା। ଚଳିତ ବର୍ଷର ଦୀପାବଳିକୁ ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ଦୀପାବଳି ଭାବେ ପାଳନ କରିବା ପାଇଁ ପୁରୀ ପୌରପାଳିକା ତରଫରୁ ଜନ ସଚେତନତା ପାଇଁ ସମୁଦ୍ର ବେଳାଭୂମିରେ ଏକ ବାଲୁକା କଳାର ଆୟୋଜନ କରାଯାଇଥିଲା। ବାଲୁକାଶିଳ୍ପୀ ରଞ୍ଜନ କୁମାର ଗାଙ୍ଗୁଲି ଅତି ସୁନ୍ଦରଭାବେ ବାଲୁକାମୂର୍ତି ନିର୍ମାଣ କରିଥିଲେ। ଏହି ବାଲୁକା କଳାକୁ ଦେଖିବା ପାଇଁ ସନ୍ଧ୍ୟାରେ ସମୁଦ୍ର କୂଳରେ ପର୍ଯ୍ୟଟକ ମାନଙ୍କର ଭିଡ ଲାଗିରହିଥିଲା । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପୌରପାଳିକାର ସ୍ୱଚ୍ଛତା ବିଶେଷଜ୍ଞ ରିସଭ୍ ଦାସ ଏବଂ ସୌଭାଗ୍ୟଲକ୍ଷ୍ମୀ ଜେନା, ସହକାରୀ ଯନ୍ତ୍ରୀ ଭଗବାନ ବେଶ୍ରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସ୍ୱଚ୍ଛ ସୂପର୍ଭାଇଜର ଏବଂ ସାଥୀ ମାନେ ଉପସ୍ଥିତ ଥିଲେ। ଏହା ଛଡା ପୌରପାଳିକାର ସମସ୍ତ ୩୨ ଟି ଓ୍ୱାର୍ଡରେ ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ଦୀପାବଳୀ ପାଇଁ ସଚେତନତା ଶୋଭାଯାତ୍ରା ଏବଂ ଶପଥପାଠର ମଧ ଆୟୋଜନ ହୋଇଥିଲା।

# କାଳୁଚୁଆ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ

ବେଗୁନିଆ, ୧୪/୧୧ (ନି.ପ୍ର): ବେଗୁନିଆ ତହସିଲ ଅଞ୍ଚଳରେ ଥିବା କାଳୁଚୁଆ ପାହାଡ଼ରେ ଦିବାରାତ୍ର ବ୍ଲାଷ୍ଟି କରାଯାଉଛି। ଯେଉଁଥିପାଇଁ ଗ୍ରାମବାସୀଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ଏଥିନେଇ ଆଜି ବେଗୁନିଆ ବ୍ଲକ୍ ପରିସରରେ ଚାଲିଥିବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଆନୁଷ୍ଠାନିକ ଅଭିଯୋଗ କରିଛନ୍ତି ଡଙ୍ଗରପଡା ଗ୍ରାମବାସୀ।



ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଦେଉଳି ପଞ୍ଚାୟତ ଡଙ୍ଗରପଡ଼ା ରାଜସ୍ୱ ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଅଧୀନରେ କାଳଚୁଆ ପାହାଡ଼ରେ ସମୁଦାୟ ୫୩ ହେକ୍ଟରକୁ ନେଇ ୨ଟି ପ୍ଲଟ୍ ରହିଛି। ସେଥିରୁ ୪୨ ହେକ୍ଟରରେ କଳାମୁଗୁନି ଓ ୧୧ହେକ୍ଟରରେ ନାଲି ଓ ବଉଳମାଳା ପଥର ରହିଛି। ଏହି ପଥରକୁ ମାଫିଆମାନେ ଡିନାମାଇଟ ଦ୍ୱାରା ବିସ୍ଫୋରଣ କରି ଲୁଟ୍ କରିଚାଲିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କରିବାରୁ ପ୍ରଶାସନ ପକ୍ଷରୁ ୨୦୧୮ ମସିହାରେ ଏଠାରେ ଚାଲିଥିବା ବେଆଇନ ଖନନ ବନ୍ଦ କରି ଦିଆଯାଇଥିଲା । ପରେ ୨୦୨୦ରେ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ସହିତ ଗ୍ରାମବାସୀଙ୍କୁ ନେଇ ସ୍ଥାନୀୟ ଜଟିଆଣୀ ମନ୍ଦିର ପରିସରରେ ଏକ ମିଳିତ ଜନ ଶୁଣାଣି ହୋଇଥିଲା। ଏହି ଅବସରରେ ସରକାରଙ୍କ ଧାର୍ଯ୍ୟ ନିୟମ ଅନୁସାରେ ପାହାଡ଼କୁ ନିଲାମ ଦିଆଯାଇ ରାଜସ୍ୱ ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତିଦିଆଯାଇଥିଲେ ମଧ ପରବର୍ତ୍ତୀ ସମୟରେ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଫଳରେ ପାହାଡ଼ର କିଛି ଅଂଶ ନିଲାମ ନେଇ ପ୍ରଶାସନକୁ ହାତ କରି ଲିଜଧାରୀ ନିର୍ଦ୍ଧାରିତ ଅଞ୍ଚଳଠାରୁ ମାତ୍ରାଧିକ ଭାବେ ପଥର ଖୋଳି ଚାଲିଛନ୍ତି । ଯେଉଁଥିପାଇଁ ଗାଁ'ରେ ପ୍ରଦୂଷଣ ମାତ୍ର ଦିନକୁ ଦିନ ବଢ଼ିଚାଲିଛି। ସେହିଭଳି ନିୟମିତ ବ୍ଲାଷ୍ଟିଂ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଘରଦ୍ୱାର ଫାଟି ଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ବିଶ୍ୱାଳ, ସନ୍ତୋଷ ରାଉତରାୟ, ସୁମିତ୍ରା ମହାରଣା ପ୍ରମୁଖ ଗ୍ରାମବାସୀ। ଘଟଣା ସମ୍ପର୍କରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ମିଳୁଥିବା ମଧ ସେମାନେ ଅଭିଯୋଗ କରିଛନ୍ତି। ସେପଟେ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଆଇନତଃ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଖଣି ଲିଜ୍‌ଧାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ କହିଛନ୍ତି ଯେ ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହୀନ ଏବଂ ଗ୍ରାମର କିଛି ବ୍ୟକ୍ତି ଚାନ୍ଦା ମାଗୁଥିଲେ, ମୁଁ ନଦେବାରୁ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟମାନଙ୍କୁ ମତାଇ ଏପରି କରୁଛନ୍ତି।

# ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କାର୍ଡ଼ ବଂଟନ

କେନ୍ଦ୍ରାପଡ଼ା, ୧୪/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର ଆଜି ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ଼ ବଂଟନ କରିଛନ୍ତି। ଅପରାହ୍ଣ ୪ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏହି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୩୨ ଜଣ ଯୋଗ୍ୟ ଇନ୍‌ସୁରାନ୍ସ କାର୍ଡ଼ଧାରୀଙ୍କ ମଧ୍ୟରୁ ମୋଟ୍ ୩୧ ଜଣ ଉପସ୍ଥିତ ରହି ଆଜି ସେମାନଙ୍କ କାର୍ଡ଼ ସଂଗ୍ରହ କରିଛନ୍ତି। ସାମ୍ବାଦିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଇଥିବା ଏହି ମହତ୍ ପଦକ୍ଷେପର ଭୂୟଂସୀ ପ୍ରଶଂସା ଏଇ ଅବସରରେ ସାମ୍ବାଦିକମାନେ କରିଥିଲେ। ସୂଚନାଯୋଗ୍ୟ ଯେ, ଆବେଦନ କରିଥିବା ସାମ୍ବାଦିକଙ୍କ ମଧ୍ୟରୁ ମୋଟ୍ ୧୭୨ଜଣ ସାମ୍ବାଦିକ ଚଳିତଥର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥି ମଧ୍ୟରେ ବିଏସ୍‌କେଓ୍ୱାଇ କାର୍ଡ଼ଧାରୀ ସାମ୍ବାଦିକଙ୍କ ସଂଖ୍ୟା ୪୦ ଥିବା ବେଳେ ୧୩୨ ଜଣ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ଼ ପାଇବେ। ଏହି ବଂଟନ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ଏସ୍‌ଆର୍‌ଏ ପ୍ରଦୀପ କୁମାର ଦାସ, ଜେଆର୍‌ଏ ଜୟଶ୍ରୀ ସାହୁ, ପ୍ରକ୍ଷେପକ ମଧୁସୂଦନ ମଲ୍ଲିକ, ତପନ ପରିଡ଼ା, ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଇପିଏଫ ପେନସନର୍ସ ଆସୋସିଏସନ୍‌ର ବୈଠକ

ଜୟପୁର, ୧୪/୧୧ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର -୧୬ ତାରିଖ ଦିନ ଦେଶର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଇପିଏଫ ପେନସନର୍ସ ମାନଙ୍କ ସର୍ବନିମ୍ନ ଦାବି ପତ୍ର ପ୍ରଦାନ କରାଯିବ । ସେଦିନ କୋରାପୁଟ ଜିଲ୍ଲାପାଳ ଅଫିସ୍ ରେ ପେନସନର୍ସ ମାନେ ଏକଜୁଟ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପତ୍ର ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ସର୍ବନିମ୍ନ ଦାବି ଗୁଡ଼ିକ ହେଲା ମାସିକ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା କରିବା, ପେନସନ ସହ ଡି ଏ ସାମିଲ୍ କରିବା, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ ଯୋଜନା କିମ୍ବା ଆୟୁଷ୍ମାନ ଯୋଜନାରେ ସାମିଲ କରିବା, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବର୍ଦ୍ଧିତ ପେନସନ ଲାଗୁ କରିବା ଇତ୍ୟାଦି ଦାବିନେଇ ଆନ୍ଦୋଳନ ହେବ । ଆସନ୍ତା ଡିସେମ୍ବର ୧୨ ତାରିଖରେ ଦିଲ୍ଲୀର ଯନ୍ତର ମନ୍ତର ଠାରେ ମହାଧାରଣା ଅନୁଷ୍ଠିତ ହେବ ପାର୍ଲିଆମେଂଟ ଅଧିବେଶନ ଚାଲିଥିବା ବେଳେ ଓଡ଼ିଶାରୁ ୩୦ ଜଣ ଯୋଗଦେବେ । ତା ସହିତ ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଦରମା ତଥ୍ୟ କେନ୍ଦ୍ରକୁ ଆଜି ପର୍ଯ୍ୟନ୍ତ ନ ପଠାଇବା ବିଷୟରେ ମ୍ୟାନେଜମେଂଟକୁ ସଂଘ ପକ୍ଷରୁ ଚିଠି ଦେବା ପାଇଁ ସ୍ଥିର କରାଯାଇଛି। ଆଜିର ବୈଠକରେ ସର୍ବଶ୍ରୀ ଉମା ଚରଣ ରଥ, ପ୍ରମୋଦ କୁମାର ମହାନ୍ତି, ଜି. ପ୍ରସାଦ ରାଓ, ପି. ଗୋବିନ୍ଦ ରାଓ, ଏସ୍. ପଟ୍ଟନାୟକ, ପି. ରାମାରାଓ, ଏଭିଏନ୍ ରାଓ , ଦଣ୍ଡପାଣି ପାତ୍ର, କୈଳାସ ପଣ୍ଡା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶେଷରେ ଜି. ପ୍ରସାଦ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# କନିଷ୍ଠ ଡାକ୍ତର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା: ତଦନ୍ତର ୧୦ ଦିନ ପରେ କାର୍ଯ୍ୟନୁଷ୍ଠାନ ନହେବାର ରହସ୍ୟ କଣ ?

ମାଲକାନଗିରି, ୧୪/୧୧ (ନି.ପ୍ର): କାଳିମେଳା ଚିକିତ୍ସାଳୟର ବରିଷ୍ଠ ଡାକ୍ତର ମୁକ୍ତିକାନ୍ତ ମଲ୍ଲିକଙ୍କ ବିରୁଦ୍ଧରେ ୩ ଜଣ କନିଷ୍ଠ ଡାକ୍ତର ଓ ୫ ଜଣ ଷ୍ଟାଫ ନର୍ସ ଦୁର୍ବ୍ୟବହାର କରୁଥିବାର ଅଭିଯୋଗ କରିଥିଲେ। ଗତ ୩ ତାରିଖ ଦିନ ୩ ଜଣିଆ ତଦନ୍ତକାରୀ ଟିମ୍ କାଳିମେଳା ଆସି ଜଣ ଜଣଙ୍କୁ ଘଟଣା ସଂପର୍କରେ ପଚାରି ବୁଝିବା ସହିତ ଲିଖିତ ଭାବରେ ମତାମତ ନେଇଥିଲେ । ଏଥି ସହିତ ଅଭିଯୋଗକାରୀମାନେ ତଦନ୍ତକାରୀ ଟିମକୁ କିଛି ପ୍ରମାଣ ଦେଇଥିବାର ଜଣାପଡ଼ିଛି। ଡାକ୍ତର ଶ୍ରୀ ମଲ୍ଲିକ ଲୋକମାନଙ୍କୁ କିପରି ମେଡିକାଲରୁ ଔଷଧ ନ ଦେଇ ବାହାରୁ ହଜାର ହଜାର ଟଙ୍କାର ଔଷଧ କିଣିବାକୁ କହୁଥିଲେ, ତାହାର ପ୍ରମାଣ ମଧ ତଦନ୍ତକାରୀ ଟିମ ହାତରେ ଲାଗିଥିବାର ସୂଚନା ମିଳିଛି। ସରକାର ରୋଗୀମାନଙ୍କ ପାଇଁ ପ୍ରତ୍ୟେକ ମେଡିକାଲରେ ନିରାମୟ ଯୋଜନାରେ ମାଗଣା ଔଷଧ ଦେବାର ବ୍ୟବସ୍ଥା କରିଥିଲେ ମଧ ଡାକ୍ତର ମଲ୍ଲିକ ରୋଗୀମାନଙ୍କୁ ଡାକ୍ତରଖାନାରୁ ଔଷଧ ନ ଦେଇ ବାହାରୁ ଔଷଧ କିଣିବାକୁ ବାଧ କରୁଥିବାର ଅଭିଯୋଗ ହୋଇଛି। ଏପରିକି ରୋଗୀମାନଙ୍କୁ ଡାକ୍ତରଖାନା ଲ୍ୟାବ ବଦଳରେ ବିଭିନ୍ନ ପରୀକ୍ଷା ପାଇଁ ବାହାର ଲ୍ୟାବକୁ ପଠାଇ ଦେଉଥିବାର ମଧ ଡାକ୍ତର ମଲ୍ଲିକଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି। ଡାକ୍ତର ମଲ୍ଲିକଙ୍କୁ ମଧ ତଦନ୍ତକାରୀ ଟିମ୍ ପଚରାଉଚୁରା କରିଥିବାର ଜଣାପଡ଼ିଛି। ସୂଚନା ଥାଉକି, ଡାକ୍ତର ମଲ୍ଲିକ ବାରମ୍ବାର କନିଷ୍ଠ ଡାକ୍ତର ଓ ଷ୍ଟାଫ ନର୍ସମାନଙ୍କୁ ଦୁର୍ବାବହାର କରିବା ସହିତ ଧମକ ଚମକ ଦେଉଥିବା ଅଭିଯୋଗ କରି କନିଷ୍ଠ ଡାକ୍ତର ଓ ଷ୍ଟାଫ ନର୍ସମାନେ ଜିଲ୍ଲାପାଳ ଓ ସିଡିଏମଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ତଦନ୍ତକାରୀ ଟିମ୍ ତଦନ୍ତ କରିବାର ଆଜିକୁ ୧୦ ଦିନ ବିତିଯାଇଥିଲେ ମଧ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ପଛରେ କଣ ରହସ୍ୟ ରହିଛି ନା ତଦନ୍ତକୁ ବାଟବଣା କରିବା ପାଇଁ ଜାଣି ଶୁଣି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନରେ ବିଳମ୍ବ କରାଯାଉଛି ବୋଲି ଅଭିଯୋଗ ହେଉଛି। ତେବେ ଆଗକୁ ପ୍ରଶାସନ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

# ବଲାଙ୍ଗିରରେ ବିଶ୍ୱ ନିମୋନିଆ ଦିବସ ପାଳିତ

ବଲାଙ୍ଗିର, ୧୪/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଛି । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରତାଞ୍ଜଳି ମିଶ୍ର ସ୍ୱାଗତ ଭାଷଣରେ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁଧା ବାର୍ଲ୍ଲା ଆସନ୍ତା ଫେବ୍ରୁଆରି ୨୯ ପର୍ଯ୍ୟନ୍ତ ନିମୋନିଆ ନିରୋଧ କାର୍ଯ୍ୟକ୍ରମ କରି ନିମୋନିଆ ବିରୁଦ୍ଧରେ ପଦକ୍ଷେପ ନେଇ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ନିମୋନିଆର ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ପଦକ୍ଷେପ ବିଷୟରେ କହିଥିଲେ । ଜନସଚେତନତା ହିଁ ଲୋକଙ୍କୁ ଏ ଦିଗରେ ରକ୍ଷା କରିପାରିବ ।

# ଗେଣ୍ଡାଳିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ଅର୍ଥ ରାଶି ମଞ୍ଜୁର

ଭୁବନ, ୧୪/୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗେଣ୍ଡାଳିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ଚାରି କୋଟି ଟଙ୍କା ଅର୍ଥ ରାଶି ମଞ୍ଜୁର ହୋଇଥିବା ରୁ ମୁଖ୍ୟମନ୍ତ୍ରୀ ଓ ୫- ଟି ସଚିବ ଭି କେ ପାଣ୍ଡିଆନ୍ ଙ୍କୁ ଗ୍ରାମବାସୀ ଧନ୍ୟବାଦ୍ ଜଣାଇଛନ୍ତି ଓ ଏହି ନାଳ ଉପରେ ଦିର୍ଘ ବର୍ଷ ଯାତାୟାତ ର ସୁବିଧା ସୁଯୋଗ ନଥିବାରୁ ବର୍ଷ ତମାମ ଲୋକମାନେ ନାହିଁ ନଥିବା ଅସୁବିଧାର ହେଉଛନ୍ତି ଓ ଗତ କିଛି ମାସ ତଳେ ଟି ସଚିବ ଭି କେ ପାଣ୍ଡିଆନ୍ କାମାକ୍ଷନଗର ଗସ୍ତରେ ଆସିଥିବା ବେଳେ ମାର୍ଥାପୁର ଗ୍ରାମ୍ୟ କମିଟି ପକ୍ଷରୁ ଯାତାୟାତ ର ସୁବିଧା ପାଇଁ ପୋଲ ନିର୍ମାଣ କରିବା ପାଇଁ ଲିଖିତ ଆକାରରେ ଜଣାଇଥିଲେ ଓ ସାତ ଦିନ ଭିତରେ ଆର୍ ଡି ବିଭାଗ ପକ୍ଷରୁ ପୋଲ ନିର୍ମାଣ ପାଇଁ ମାଟି ତନଖି କରାଯାଇଥିଲା ଓ ଗତ ବୁଧବାର ଦିନ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲ ନିର୍ମାଣ ପାଇଁ ଚାରି କୋଟି ଟଙ୍କା ଅର୍ଥ ରାଶି ମଞ୍ଜୁର କରିଛନ୍ତି ଓ ଖୁବ୍ ଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ହେଉଥିବା ଜଣାପଡ଼ିଛି ଓ ପୋଲ ନିର୍ମାଣ ହେଲେ ଯାତାୟତ ରେ ସୁବିଧା ହେବା ସହ ଲୋକମାନେ ବେଶ୍ ଉପକୃତ ହେବେ । ମାର୍ଥାପୁର ଗ୍ରାମ୍ୟ କମିଟି ର ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଲକ୍ଷ୍ମଣ କୁମାର ମିଶ୍ର, ଗଣେଶ୍ୱର ମିଶ୍ର, ଅଭିମନ୍ୟୁ ମିଶ୍ର, ଅରୁଣ ମିଶ୍ର ଓ ଗ୍ରାମବାସୀ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭି କେ ପାଣ୍ଡିଆନ୍ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବ୍ଲକସ୍ତରୀୟ ପରବ ନେଇ ବୈଠକ

ଜୟପୁର, ୧୪/୧୧ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ପରବ ନେଇ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ,ବିଇଓ ଚନ୍ଦନ ନାୟକ ସହ ବ୍ଲକ ସ୍ତରୀୟ ଅଧିକାରି, ଜିଲା ପରିଷଦ ସଭ୍ୟା, ସରପଂଚ , ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୭ ତାରିଖରେ ଜୟପୁର ବ୍ଲକ ସ୍ତରୀୟ ପରବ କରିବା ନେଇ ସ୍ତିର ହୋଇଛି । ଝାଙ୍କଡ ଦେଇ ମନ୍ଦିରରୁ ମଶାଲ ବାହାରି ଦଶହରା ପଡିଆରେ ପହଂଚିବ । ସେଠାରେ ସାଂସ୍କୃତିକ କାଯ୍ୟକ୍ରମ ଆୟୋଜନ ହେବ । ଏହା ପୁବରୁ ୧୩ ତାରିଖ ଠାରୁ ୧୬ ତାରିଖ ଯାଏ ଫୁଟବଲ, ଭଲି ବଲ ଟୁର୍ଣ୍ଣାମେଂଟ ମକାପୁଟ ପଡିଆରେ ହେବା ସହ ଛାତ୍ରୀ ମାନଙ୍କ ପାଇ କବାଡି ପ୍ରତିଯୋଗିତା ଆମ୍ବାଗୁଡା ହାଇସ୍କୁଲ ପରିସରରେ ହେବା ନେଇ ସ୍ଥିର ହୋଇଥିବା ବ୍ଲକ ପ୍ରଶାସନ ତରଫରୁ ସୁଚନା ଦିଆଯାଇଛି ।

# ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଅଷ୍ଟାଦଶ ଜିଲ୍ଲା ସମ୍ମିଳନୀ ଡିସେମ୍ବର-୧୬ରେ

ବାଲେଶ୍ୱର, ୧୪/୧୧ (ନି.ପ୍ର): ସରକାରୀ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଅଷ୍ଟାଦଶ ବାର୍ଷିକ ସମ୍ମିଳନୀ ଆସନ୍ତା ଡିସେମ୍ବର ୧୬ ତାରିଖ ଦିନ ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ। ଜିଲ୍ଲା କିଟିର ବୈଠକ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତିବର୍ଷଭଳି ଚଳିତବର୍ଷର ମୁଖପତ୍ର ଆସନ୍ତା ସମ୍ମିଳନୀ ଅବସରରେ ପ୍ରକାଶିତ ହେବ। ସମ୍ମିଳନୀର ଅଧିବେଶନରେ ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲରେ ହୃଦରୋଗ, ସ୍ନାୟୁରୋଗ ଓ ମୁତ୍ରାଶୟ ଜନିତ ପ୍ରଭୃତି ଗୁରୁତର ରୋଗର ବିଭାଗ ଖୋଲିବା, ମେଡିକାଲ୍ କଲେଜ୍ ସଂଲଗ୍ନ ନିର୍ମାଣାଧୀନ ହସ୍ପିଟାଲର ନିର୍ମାଣକାର୍ଯ୍ୟ ଓ ଜାତୀୟ ରାଜପଥରୁ ସଂଯୁକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା, ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ସମସ୍ତ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ମଞ୍ଜୁରୀପ୍ରାପ୍ତ ଆୟୁଷ ଡାକ୍ତରଖାନା ଓ ନର୍ସିଂ କଲେଜ୍ ନିର୍ମାଣ କାର୍ଯ୍ୟାରମ୍ଭ କରିବା, ନିର୍ମାଣାଧିନ ହସପିଟାଲ ନିକଟରେ ରୋଗୀମାନଙ୍କ ସହାୟକଙ୍କ ଆଶ୍ରୟସ୍ଥଳୀ ପାଇଁ ସ୍ଥାନ ନିରୂପଣ କରିବା ହସିତ ବାଲେଶ୍ୱରରେ ଏମସ୍ ସେଟେଲାଇଟ୍ ସେଣ୍ଟରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପ୍ରଭୃତି ସମସ୍ୟା ସମାଧାନ ପାଇଁ କାର୍ଯ୍ୟକ୍ରମ ସଂପର୍କରେ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ସ୍ୱାସ୍ଥ୍ୟସେବାରେ ପରାକାଷ୍ଠା ପ୍ରଦାନ କରିଥିବା ପ୍ରତ୍ୟେକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମିଳନୀ ଅବସରରେ ସମ୍ମାନୀତ କରାଯିବ। ସମ୍ମିଳନୀର ସାଧାରଣ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ସମ୍ମିଳନୀର ସଫଳତା ପାଇଁ ନଅଟି ସବ୍‌କମିଟି ଗଠନ କରାଯାଇଛି। ବିଭିନ୍ନ ଶାଖା କମିଟି ଓ ବ୍ଲକ୍ କମିଟି ସମେତ ୩ଟି ଅଞ୍ଚଳ କମିଟିର ବୈଠକ ଡିସେମ୍ବର ୧୦ ତାରିଖ ସୁଦ୍ଧା ଶେଷ କରିବାକୁ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଛି।ବୈଠକ ଆରମ୍ଭରେ କ୍ରିୟାନୁଷ୍ଠାନ କମିଟିର ସକ୍ରିୟ ସଦସ୍ୟ ସ୍ୱର୍ଗତ ପ୍ରଦୀପ ରାଉତ ଓ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ସାଧାରଣ ସଂପାଦକ ପ୍ରଦୀପ ଦାସ ସମ୍ମିଳନୀ ପାଇଁ ବିଶଦ କାର୍ଯ୍ୟସୂଚୀ ଆଗତ କରିବା ସହ ବିଭିନ୍ନ ବ୍ଲକ୍ ସ୍ତରରେ ଜିଲ୍ଲାପାଳଙ୍କ ପକ୍ଷରୁ ହେଉଥିବା ଜନଶୁଣାଣୀରେ ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ସ୍ୱାସ୍ଥ୍ୟସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଶ୍ରୀମତୀ ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୧୨ ପ୍ରସ୍ତାବକୁ....

ଓ ସିଗନାଲ ବ୍ୟବହାର ହେବ । ଇଲିଭେଟେଡ୍ ଭାୟଡକ୍ଟ ଉପରେ ସମସ୍ତ ମେଟ୍ରୋ ଧାରଣା ଓ ଷ୍ଟେସନ ରହିବ । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅନ୍ତର୍ଗତ ରାଜଧାନୀ ଅଂଚଳରେ ଶକ୍ତି ବ୍ୟବସ୍ଥାରେ ଉନ୍ନତିକରଣ ଯୋଜନା(ଏସସିଆରଆଇପିଏସ)ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୪୬୯.୬୯କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ଅନୁଦାନକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଓପିଟିସିଏଲ୍ ଦ୍ୱାରା ରାଜଧାନୀର ବିଭିନ୍ନ ଅଂଚଳର ବିଦ୍ୟୁତ ବିତରଣ ଓ ପରିବହନ ଭିତ୍ତିଭୂମି ସମ୍ପ୍ରସାରଣ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟ କ୍ୟାବିନେଟ୍ ଏସସିଆରଆଇପିଏସ୍ ଯୋଜନାରେ ରାଜଧାନୀରେ ବିଦ୍ୟୁତ ଭିତ୍ତିଭୂମି ଓ ପରିବହନ ନିମନ୍ତେ ୧୪୯୨ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ମାତ୍ର ଏବେ ଏହି ପ୍ରକଳ୍ପରେ ଅତିରିକ୍ତ ପ୍ରକଳ୍ପକୁ ସାମିଲ ଓ ଅନ୍ୟାନ୍ୟ କାରଣରୁ ପ୍ରକଳ୍ପ ମୂଲ୍ୟ ୧୯୬୧.୪୬ କୋଟି ଟଙ୍କାରେ ପହଂଚିଛି ।

## ୧୬ରେ ୩ ଜିଲ୍ଲାରେ ଅତି ...

ପଶ୍ଚିମ ଦିଗରେ ଗତି କରିବ ଏବଂ ଅବପାତରେ ପରିଣତ ହେବ। ୧୬ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଏହା ଗଭୀର ଅବପାତର ରୂପ ନେବ ଓ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ପରେ ଧୀରେ ଧୀରେ ଏହାର ଗତିପଥ ବଦଳିବ ଓ ଏହା ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି ଉତ୍ତର ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଓଡ଼ିଶା ଉପକୂଳ ମୁହାଁ ହେବ। ଶ୍ରୀ ଦାସ କହିଛନ୍ତି, ଏହାର ପ୍ରଭାବରେ ୧୫ ତାରିଖରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୧୬ ତାରିଖରେ ବର୍ଷାର ମାତ୍ରା ସର୍ବାଧିକ ରହିବ। ୧୬ ତାରିଖରେ ୩ ଜିଲ୍ଲା- ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ପାର୍ଶ୍ୱବର୍ତ୍ତୀ ଜିଲ୍ଲା- କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି।

## ବିଶ୍ୱକପ୍ ସେମିଫାଇନାଲ୍ ...

ଶ୍ରେଷ୍ଠ ୫ଜଣ ବ୍ୟାଟର୍ ଜବରଦସ୍ତ ଫର୍ମରେ ଅଛନ୍ତି । ଅଧିନାୟକ ରୋହିତ ଶର୍ମା ଭାରତକୁ ପ୍ରତି ମ୍ୟାଚରେ ଭଲ ଷ୍ଟାର୍ଟ ଦେଉଛନ୍ତି । ମିଡଲ୍ ଅର୍ଡରରେ ବିରାଟ୍ କୋହଲି, ଶ୍ରେୟସ ଆୟର ଓ ଲୋକେଶ ରାହୁଲଙ୍କ ବ୍ୟାଟ୍ରୁ ମଧ୍ୟ ଖୁବ୍ ରନ୍ ବର୍ଷୁଛି । ବୋଲିଂ ବିଭାଗରେ ମଧ୍ୟ ଭଲ ସମିଶ୍ରମ ଦେଖିବାକୁ ମିଳିଛି । ମହମ୍ମଦ ଶାମି, ଯଶପ୍ରୀତ ବୁମରା, ମହମ୍ମଦ ସିରାଜଙ୍କୁ ନେଇ ଗଠିନ ପେସ୍ ବ୍ୟାଟେରୀ ସହିତ ସ୍ପିନ୍ର ମଧ୍ୟ ବିରୋଧୀ ଦଳକୁ ନାକେଦମ କରିଛନ୍ତି । ସେପଟେ ଟୁର୍ଣ୍ଣାମେଂଟ ଆରମ୍ଭରୁ ଲଗାତର ୪ଟି ମ୍ୟାଚ୍ ଜିତିଥିବା ନ୍ୟୁଜିଲ୍ୟାଣ୍ଡ ପରବର୍ତ୍ତୀ ୪ଟି ମ୍ୟାଚ୍ ହାରିଯାଇଥିଲା । ତେବେ ଶେଷ ମ୍ୟାଚ୍ରେ ଶ୍ରୀଲଙ୍କାକୁ ହରାଇ ସେମିଫାଇନାଲ୍ ଟିକେଟ୍ କାଟିଥିଲା ନ୍ୟୁଜିଲ୍ୟାଣ୍ଡ । ସେମିରେ ଦଳର ପ୍ରଦର୍ଶନ କ'ଣ ରହୁଛି, ତାହା ଉପରେ ନଜର ରହିବ।

# ଡ୍ରିମସ୍ ଆଇଡିଆଲ୍ ସ୍କୁଲ୍‌ରେ ଜବାହରଲାଲ ନେହେରୁଙ୍କ ୧୨୪ତମ ଜୟନ୍ତୀ ପାଳିତ




ବାଲେଶ୍ୱର, ୧୪/୧୧ (ନି.ପ୍ର): ଡ୍ରିମସ୍ ଆଇଡିଆଲ୍ ସ୍କୁଲ୍ ପରିସରରେ ଜବାହରଲାଲ ନେହେରୁଙ୍କ ୧୨୪ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବଟିକୁ ସ୍ଥାନୀୟ ୱାର୍ଡକାଉନସିଲର ଶ୍ରୀମତୀ ରଞ୍ଜିତା ମହାପାତ୍ର ଉଦ୍ଘାଟନ କରିଥିଲେ ଓ ବିଦ୍ୟାପୀଠର ସମ୍ପାଦକ ଶ୍ରୀ ଭାବଗ୍ରାହୀ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଚାଚାଜୀ ଙ୍କ ଜୀବନୀ ବିଷୟରେ ପିଲାମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ । ବିଦ୍ୟାପୀଠର ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ସ୍ମିତିସୁଧା ଦାସ, ସ୍ମୃତିରେଖା ଦାସ,ଅନୀତା ଦାସ, ଆରତୀବାଳା ଦାସ, କମଳା ମଣି ପାଲ୍, ସ୍ମୃତିପ୍ରଭା ମହାଳିକ, ଶାନ୍ତିଲତା ଖଟୁଆ, ଆଞ୍ଚଲ ପ୍ରିୟା ବେହେରା,ସଞ୍ଜନା ପାତ୍ର, ଦ୍ୱିତୀକୃଷ୍ଣ ମହାନ୍ତି, ରଞ୍ଜନ ସାହୁ, ଭଗବାନ ବେହେରା, ସୁଲତା ଜେନା ପ୍ରମୁଖ କର୍ମଚାରୀ ମାନେ କାର୍ଯ୍ୟ ରେ ସହାୟତା କରିଥିଲେ।

# ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିରରେ ଶିଶୁଦିବସ ସମାରୋହ ଅନୁଷ୍ଠିତ

ବାଲେଶ୍ୱର, ୧୪/୧୧ (ନି.ପ୍ର): ଗୋପାଳଗାଁ ସ୍ଥିତ ପୂର୍ଣ୍ଣ ଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଶିଶୁ ଦିବସ ମହା ସମାରୋହ ରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ରିତା ରାଣୀ ଦଳ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତାପସ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଷଦ ସଦସ୍ୟ ସୁରଜ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଗୁରୁମା ପ୍ରଭାତୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇ ଥିବା ବେଳେ ଗୁରୁମା ସରିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ, ଏହି ସମାରୋହ



ବେହେରାଙ୍କ ସଭାପତିତ୍ୱରେ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିଶୁ ମାନଙ୍କ ର ପୂର୍ଣ୍ଣାଙ୍ଗ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଗୁରୁଜୀ ଗୁରୁମା ଓ ଅଭିଭାବକ ଅବସରରେ ପିଲା ମାନଙ୍କ ଭିତରେ କୌତୁକ ବେଶ, ନାଚ, ଗୀତ, ଭାଷଣ, ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାଜର ସମସ୍ତ ଗୁରୁଜୀ ଗୁରୁମା ଓ କର୍ମକର୍ତ୍ତା ଗଣ ସହଯୋଗ କରିଥିଲେ।

# ପାରାଦୀପସ୍ଥିତ ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟ ପରିସରରେ ଭିନ୍ନ ଢ଼ଙ୍ଗରେ ଦୀପାବଳି ଉତ୍ସବ ପାଳିତ



ପାରାଦୀପ , ୧୪/୧୧ (ନି.ପ୍ର): ପାରାଦୀପ ମଧୁବନ ସ୍ଥିତ ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟ ତଥା ଜଟାଧାର ଭବନ ପରିସରରେ ଆଲୋକର ପର୍ବ ଦୀପାବଳୀ ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଏହି ଉତ୍ସବକୁ କର୍ମଚାରୀ ମାନେ ଭିନ୍ନ ଢ଼ଙ୍ଗରେ ପାଳନ କରିଥିଲେ। ପ୍ରଥମ ଦିନରେ ମହିଳା କର୍ମଚାରୀ ମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିତୀୟ ଦିନରେ ସେହି ମହିଳା କର୍ମଚାରୀ ମାନଙ୍କ ମଧ୍ୟରେ ଫ୍ୟାସନ୍ ୱାକ ପ୍ରତିଯୋଗିତା କରାଯାଇଥିଲା। ଦୁଇ ଦିନ ଧରି ଏହି ପ୍ରତିଯୋଗିତାରେ କାର୍ଯ୍ୟାଳୟର ପ୍ରାୟ ସମସ୍ତ ମହିଳା କର୍ମଚାରୀ ଯୋଗ ଦେଇଥିଲେ। ଜେ ଏସ ଡ ବ୍ଲୁ ସ୍ଥାନୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏନ୍ ପୁରୋହିତ, ଧନଞ୍ଜୟ କୁମାର ସିହ୍ନା, ଏନ୍ ଏମ୍ ଚୋଗଲେକର, ଶିଭାଶିଷ ମିଶ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଉପସ୍ଥିତ ଥିଲେ। ଏହି ପରେ ଏହି ସମସ୍ତ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରଙ୍ଗୋଲି ପ୍ରତିଯୋଗିତାରେ ପୂଜାରାଣୀ ସାହୁ ଓ ପିଆଲି ଜେନା ପ୍ରଥମ, ବିଜୟଲକ୍ଷ୍ମୀ ମହାପାତ୍ର ଓ ଶସ୍ମିତା ମୁଦୁଲି ଦିତୀୟ, ଶ୍ରାବଣୀ ପ୍ରଧାନ ଓ ମୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଫ୍ୟାସନ୍ ଶୋ ରେ ଝାନସୀ ମଲ୍ଲ ପ୍ରଥମ, ମୋନାଲିସା ରାଉତ ଦିତୀୟ ଓ ଶସ୍ମିତା ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ ଏହି ସମସ୍ତ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏଥି ସହିତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ମହିଳା କର୍ମଚାରୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଗତ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଏମାନଙ୍କ ସହଯୋଗକୁ ବରିଷ୍ଠ ଅଧିକାରୀ ମାନେ ପ୍ରଶଂସା କରିଥିଲେ। ଶେଷରେ ଆଲୋକର ପର୍ବ ଦୀପାବଳୀକୁ ନିଜ ନିଜର ପରିବାର ସହିତ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅଧିକାରୀ ମାନସ ମିଶ୍ର, ସୁଲୋଚନା ଜେନା ପ୍ରମୁଖ ପରିଚାଳନା କରିଥିଲେ।

AFFIDAVIT

By virtue of an affidavit No. 7469, dt. 02/11/2023, I Chandrakanta panda declared that my father's name is spelled in my class X certificate and in my previous passport No. Z1992391as Bivakar panda instead of Bibhakar panda. In his aadhar card No. 6434790216147 and voter ID OR/02/012410031 as well as in my aadhar card No 972287733436 it is mentioned as Bibhakar panda.
Henceforth, in future my father's name will be spelled as Bibhakar panda instead of Bibhakar panda for all purpose.
- Chandrakanta Panda

# ବରିଷ୍ଠ ଆଇନଜୀବି ସ୍ୱର୍ଗତ ରମେନ୍ଦ୍ର କୁମାର ପାଢ଼ୀଙ୍କ ୫ମ ଶ୍ରାଦ୍ଧ ବାର୍ଷିକ




ବାଲେଶ୍ୱର, ୧୪/୧୧ (ନି.ପ୍ର): ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରମେନ୍ଦ୍ର କୁମାର ପାଢ଼ୀଙ୍କ ୫ମ ଶ୍ରାଦ୍ଧ ବାର୍ଷିକ ଆଜି ରମେନ୍ଦ୍ର କୁମାର ପାଢ଼ୀ ସ୍ମୃତି କମିଟି ଏବଂ ବାଲେଶ୍ୱର ଜିଲ୍ଲା ଓକିଲ ସଂଘ ମିଳିତ ଆନୁକୁଲ୍ୟରେ ଜିଲ୍ଲା ଦୌରାଜର୍ଜଙ୍କ କାର୍ଯ୍ୟଳୟ ପରିସରରେ ପାଳିତ ହୋଇ ଯାଇଅଛି । ଏଥିରେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଜିଲ୍ଲା ଜର୍ଜ ଶ୍ରୀଯୁକ୍ତ ଅଶାନ୍ତ କୁମାର ଦାସ ଯୋଗ ଦେଇଥିଲେ, କାର୍ଯ୍ୟକ୍ରମକୁ ଆଇନଜୀବୀ ଲମ୍ବୋଦର ନାୟକ ସଂଯୋଜନା କରିଥିବା ବେଳେ ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ସଭାପତିତ୍ୟ କରିଥିଲେ। ସ୍ମୃତି କମିଟି ସଂପାଦକ ବରିଷ୍ଠ ଆଇନଜୀବୀ ମଦନ ମୋହନ ପଣ୍ଡା ପ୍ରାରମ୍ଭିକ ସୁଚନା ଏବଂ ଓକିଲ ସଂଘ ସଂପାଦକ ଦୀପକ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ବାଲେଶ୍ୱର ବାର ର ବୟୋଜ୍ୟେଷ୍ଠ ତଥା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଚାନ୍ଦ, ଶ୍ରୀଯୁକ୍ତ ସନ୍ତୋଷ କୁମାର ଦାସ, ନବାଗତ ଯୁବା ଆଇନଜୀବୀ ଶ୍ରୀମତୀ ସସ୍ମିତା ନନ୍ଦ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ୫ ବର୍ଷିଆ ଇଣ୍ଟିଗ୍ରେଟେଡ ଆଇନ ଏବଂ ୩ ବର୍ଷିଆ ଟ୍ରାଡିସନାଲ ଆଇନ ଶିକ୍ଷାରେ ୨୦୨୩ ମସିହାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ପାଢୀଙ୍କ ଜ୍ୟେଷ୍ଠ ପୁତ୍ର ଉଚ୍ଚନ୍ୟାୟାଳୟର ଡେପୁଟି ସଲିଶିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ମଧ୍ୟମ ପୁତ୍ର ଇଁ ପ୍ରଦ୍ୟୁମ୍ନ କୁମାର ପାଢ଼ୀ,ବିଶିଷ୍ଟ ବ୍ୟବସାୟୀ ତଥା ଶିକ୍ଷାବିତ୍ କନିଷ୍ଠ ପୁତ୍ର ପ୍ରଭଞ୍ଜନ ପାଢୀ, ଭାଗ୍ୟଶ୍ରି ପାଢ଼ୀ, ଭବତୋସ ପାଢ଼ୀ, ଜୟଶ୍ରୀ ପାଢ଼ୀ, ରିଶିତୋଷ ପାଢୀ ପରିବାର ସଦସ୍ୟ ବୃନ୍ଦ, ବାଲେଶ୍ୱର ବିଚାର ବିଭାଗର ସମସ୍ତ ବିଚାରପତି , କର୍ମଚାରୀ, ଶତାଧିକ ଆଇନଜୀବୀ, ଭେଣ୍ଡର ଓ ମହୁରିର ସଂଘ ଉପସ୍ଥିତ ଥିଲେ। ଆଇନଜୀବୀ ବୈଲୋଚନ ଦାଶ, ଗଣେଶ୍ୱର ରାଉତ, ପ୍ରଶାନ୍ତି ପଣ୍ଡା, ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ଯଶୋବନ୍ତୀ ସାହୁ , ସସ୍ମିତା ନନ୍ଦ, ସୁଶାନ୍ତ ମାସନ୍ତ, କମଳ ଲୋଚନ ପ୍ରଧାନ, ଜୟ ନାରାୟଣ ପଣ୍ଡା, ରାଇ ମୋହନ ପଟ୍ଟନାୟକ, ରବୀନ୍ଦ୍ର ସ, ମମତା ବେହେରା, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' - ୨୦୨୩ ଉଦ୍‌ଘାଟିତ



ବାରିପଦା, ୧୪/୧୧ (ନି.ପ୍ର): ସ୍ଥାନୀୟ ମ୍ୟୁନିସିପାଲିଟି ଗେଷ୍ଟ ହାଉସ ପରିସରରେ ସଂସ୍କାର ଶିଶୁ ମହୋତ୍ସବ କମିଟି ଓ ବାରିପଦା ପୌରପାଳିକାର ମିଳିତ ପ୍ରୟାସରେ ବିଦ୍ୟାଳୟ ସ୍ତରୀୟ ୯ମ ଶିଶୁ ମହୋତ୍ସବ - 'ମୟୂରୀ' ୨୦୨୩ ଉଦଘାଟିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ନର୍ସରୀ ଠାରୁ ୧୦ମ ଶ୍ରେଣୀ ମଧ୍ୟରେ ମୋଟ ୩ ଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି ।ଉଦଘାଟନୀ ଉତ୍ସବରେ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣରେ ମୟୂରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଆଗାମୀ ବର୍ଷ ମାନଙ୍କରେ ବାରିପଦା ପୌରପାଳିକା ସମ୍ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗଙ୍କ ଯୋଗାଇ ଦେବବୋଲି ପ୍ରତିଶୃତି ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଡଃ ଆଦିତ୍ୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଅନ୍ୱେଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଶିଶୁ ମାନଙ୍କର ପ୍ରତିଭାର ବିକାଶ ପାଇଁ ଅଭିଭାବକ ମାନେ ଯତ୍ନବାନ ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ସମ୍ମାନନୀୟା ଅତିଥି ଭାବେ ଯୋଗ ଦେଇ ଉପ ନଗରପାଳ ସୀମା ଦାସ କୁନିକୁନି ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ମା' ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପାଧ୍ୟକ୍ଷ ମନୋଜ କୁଅଁର, ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ଭଞ୍ଜଦେଓ, ଉପଦେଷ୍ଟା ସ୍ୱରୂପ ପଟ୍ଟନାୟକ, କ୍ଷେତ୍ର ମୋହନ ପଣ୍ଡାଙ୍କ ସମେତ ବହୁ ଜ୍ଞାନୀ ଗୁଣୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ସଦସ୍ୟ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ମଙ୍ଗଳବାର ଯୋଗ, ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା, କୌତୁକ ବେଶ ପ୍ରତିଯୋଗିତା, ସଂଗୀତ ନୃତ୍ୟ ସହିତ ଅନ୍ୟାନ୍ୟ ପ୍ରତିଯୋଗିତା ସହ ପୁରସ୍କାର ବିତରଣୀ ଉତ୍ସବ ଶିଶୁ ଉଦ୍ୟାନରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଚୌଧୁରୀଙ୍କ ସୂତ୍ରରୁ ପ୍ରକାଶ।

# ଭ୍ରଷ୍ଟାଚାର ଓ କୁଶାସନ ବିରୁଦ୍ଧରେ ବିଜେପିର ଜନଆକ୍ରୋଶ ଆନ୍ଦୋଳନ




ବାଲେଶ୍ୱର, ୧୪/୧୧ (ନି.ପ୍ର): ଭ୍ରଷ୍ଟାଚାର ଓ କୁଶାସନର ସର୍ବକାଳୀନ ରେକର୍ଡ଼ କରିଛନ୍ତି ନବୀନ ବାବୁଙ୍କ ରାଜ୍ୟ ସରକାର। ଆଜି ଓଡ଼ିଶାରେ ଓଡ଼ିଆ ଲୋକ ଅବହେଳିତ, ନିର୍ଯ୍ୟାତିତ, ଯୁବକ-ଯୁବତୀ ପ୍ରତାରିତ, ମହିଳା ଅସୁରକ୍ଷିତ ଓ ଶୈଶବ ଅବହେଳିତ। ବାର୍ଷିକ ଏକ ଲକ୍ଷ କୋଟି ଟଙ୍କାର ପିସି ଓ କିକ୍ବ୍ୟାକ୍ ର ମସୂଧାରେ ଏଠାରେ ଚାଲିଛି ଅଣଓଡ଼ିଆ ଅଫିସର ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା। କେବେବି ଅନୁଭବ କରି ନଥିବା ଧ୍ୱସ୍ତ ଆଇନଶୃଙ୍ଖଳାର ଶିକାର ଆଜିର ଶାନ୍ତିପୂର୍ଣ୍ଣ ଓଡ଼ିଶା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ୯ ବର୍ଷରେ ୨ ଲକ୍ଷ ୬୪ ହଜାର କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପାଇଥିବା ଓଡ଼ିଶା ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱାଧୀନ ବିଜେପି ସରକାରରେ ୯ ବର୍ଷରେ ପ୍ରାୟ ୮ଗୁଣ ଅଧିକ ୧୮ ଲକ୍ଷ ୮୪ ହଜାର କୋଟି ଟଙ୍କାର ସହାୟତା ପାଇ ପାରିଛି। ତା ସ୍ୱତ୍ତେ ଦୁର୍ନୀତି ଓ କୁଶାସନ କାରଣରୁ ଓଡ଼ିଶା ଆଜିବି ଦେଶର ଅନ୍ୟତମ ପଛୁଆ ରାଜ୍ୟରେ ରହିଛି ବୋଲି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ଶୌଚାଳୟ, ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଧବା - ଦିବ୍ୟାଙ୍ଗ - ବାର୍ଦ୍ଧକ୍ୟ ଭତ୍ତା, ଛାତ୍ର ବୃତ୍ତି, କୃଷି ମଣ୍ଡି, ମିଶନ ଶକ୍ତି, ବିଜୁଳି , ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଅବାଧ ନିଶାଦ୍ରବ୍ୟ କାରବାର, ଜଳସେଚନ ଓ ସମବାୟ ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟକଟି କ୍ଷେତ୍ର ବିଜୁ ଜନତାଦଳର ଦୁର୍ନୀତି ଓ ବିଫଳତାର ମୁକସାକ୍ଷୀ, ବୋଲି ପ୍ରକାଶ କରି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ବିଜେପି ତରଫରୁ ଡାକରା ଦିଆଯାଇଥିବା ନଭେମ୍ବର ୧୪ ରୁ ୧୮ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକ୍ ଓ ପୌର ସଂସ୍ଥା ସମ୍ମୁଖରେ ଜନଆକ୍ରୋଶ ଆନ୍ଦୋଳନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରିଛନ୍ତି। ଚିଟଫଣ୍ଡ, ଖଣି ଓ ପାଣି ଦୁର୍ନୀତିରେ ଲିପ୍ତ ବିଜେଡ଼ି ସରକାର ବିରୁଦ୍ଧରେ ଏହି ଆନ୍ଦୋଳନ ଏକ ଆରପାରର ଲଢେଇର ଶୁଭାରମ୍ଭ ହେବବୋଲି ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଥିଲେ। ୫ଟି ପ୍ରହସନରେ ଏହି ସମସ୍ତ ବିଫଳତାକୁ ଲୁଚେଇ ହେବନାହିଁ ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରାଜ୍ୟ ପ୍ରବକ୍ତା ସତ୍ୟବ୍ରତ ପଣ୍ଡା ଦାରିଦ୍ର୍ୟ ସୀମାରେଖାର ନୂତନ ସଂଜ୍ଞା ବହୁମୁଖି ଦାରିଦ୍ର୍ୟ ସୂଚ୍ୟାଙ୍କ ଅନୁଯାୟୀ ଓଡ଼ିଶା ଦେଶର ତଳଆଡୁ ଅପମାନ ଜନକ ସପ୍ତମ ସ୍ଥାନରେ ରହିବା ବିଜେଡ଼ି ସରକାର ଓ ନବୀନ ପଟ୍ଟନାୟକଙ୍କ ପାରିଲା ପଣିଆକୁ ଦର୍ଶାଉଛି ବୋଲି କହିଥିଲେ। ଏହି ଦାରିଦ୍ର୍ୟ ସୂଚ୍ୟାଙ୍କ ତଥ୍ୟ ଅନୁଯାୟୀ ବିଦ୍ୟାଳୟରେ ଅତିବାହିତ ବର୍ଷ ଦୃଷ୍ଟିରୁ ଓଡିଶାର ସ୍ଥାନ ବୃହତ୍ ରାଜ୍ୟ ମାନଙ୍କ ମଧ୍ୟରେ ତଳଆଡୁ ଷଷ୍ଠ, ରୋଷେଇ ଗ୍ୟାସ ବ୍ୟବହାରରେ ତଳଆଡୁ ତୃତୀୟ, ପରିମଳ ଓ ପରିଚ୍ଛନ୍ନତାରେ ତଳଆଡୁ ତୃତୀୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ତଳଆଡୁ ଚତୁର୍ଥ, ବିଦ୍ୟୁତ ସଂଯୋଗୀକରଣରେ ତଳଆଡୁ ପଞ୍ଚମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତଳଆଡୁ ନବମ ଓ ପାରିବାରିକ ସମ୍ପତ୍ତିରେ ତଳଆଡୁ ପଞ୍ଚମରେ ରହିବା ଦୃଷ୍ଟିକୋଣରୁ ନବୀନ ସରକାରଙ୍କର କ୍ଷମତାରେ ଆଉ ମୁହୂର୍ତ୍ତେ ରହିବାର ନୈତିକ ଅଧିକାର ନାହିଁ ବୋଲି ଜନଆକ୍ରୋଶ ଆନ୍ଦୋଳନକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟର ଅନ୍ୟତମ ପ୍ରବକ୍ତା ଠାକୁର ରଣଜିତ ଦାସ ବେଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିରେ ଆପାଦ ମସ୍ତକ ବୁଡ଼ି ରହିଛନ୍ତି ବୋଲି କହିବା ସଙ୍ଗେସଙ୍ଗେ ରାଜ୍ୟ ସଭାପତି ମାନନୀୟ ମନମୋହନ ସାମଲଙ୍କ ଆହ୍ୱାନ କ୍ରମେ ଆୟୋଜିତ ହେଉଥିବା ଜନଆକ୍ରୋଶ ଆନ୍ଦୋଳନକୁ ଏହି ଚାରିଟି ଜିଲ୍ଲାରେ ଯୋରଦାର କରାଯିବ ବୋଲି କହିଥିଲେ। ଉପରୋକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଗଣମାଧ୍ୟମ ପ୍ରମୁଖ ଶ୍ରୀନିବାସ ପ୍ରଧାନ ସମ୍ବାଦଦାତା ମାନଙ୍କୁ ସ୍ୱାଗତ କରିଥିବା ବେଳେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗଣମାଧ୍ୟମ ସହସଂଯୋଜକ ରଞ୍ଜିତ ପୁଷ୍ଟି ପରିଚାଳନାରେ ସହଯୋଗ କରିଥିଲେ ।

# ବସନ୍ତପୁର ୫୦ ତମ ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳିତ

ବସ୍ତା ୧୪।୧୧(ନିପ୍ର): 'ମା' କାଳୀଙ୍କ ପୂଜୋତ୍ସବ ବସ୍ତା ବ୍ଲକ ଅଞ୍ଚଳ ପୁରପଲ୍ଲୀରେ ପାରମ୍ପରିକ ଓ ନିଆରା ରିତୀନିତିରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି।ଏହି ପରିପେକ୍ଷୀରେ ନଟାକଟା ପଞ୍ଚାୟତର ବସନ୍ତପୁର ଗ୍ରାମର କାଳୀପୂଜା କମିଟି ପକ୍ଷରୁ ୫୦ ତମ କାଳୀପୂଜା ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି।ଏନେଇ ଏକ ସଭାର ଆୟୋଜନ ହୋଇଥିଲା। ପୂଜାକମିଟି ମୁଖ୍ୟ ଉପଦେଷ୍ଟା ଉମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଅନ୍ୟତମ ସମ୍ମାନିତ ବକ୍ତା ଭାବେ ମୁଖପାତ୍ର ଓଡ଼ିଶା କଂଗ୍ରେସ କମିଟିର ସୁଦର୍ଶନ ଦାସ, ଅନ୍ୟତମ ଅତିଥି ଭାବେ ନଟାକଟା ପଞ୍ଚାୟତ ସରପଞ୍ଚ ବନ୍ଦନା ସେଠୀ,ଅନ୍ୟତମ ଉପଦେଷ୍ଟା ରାଜ କିଶୋର ମହାନ୍ତି, ସମ୍ମାନିତ ଅତିଥି ଭାବେ ବାସନ୍ତପୁର ଗ୍ରାମର ସଭାପତି ଭୁବନ ଚନ୍ଦ୍ର ରଣା,ରାମ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିବା ସହ ୫୦ ବର୍ଷ ପୂର୍ବେ ଏହି ପୂଜା ଆରମ୍ଭ କରିଥିବା ୪ ଜଣ ପ୍ରତିଷ୍ଠାତା ଏବଂ ଆଜି ପ୍ରର୍ଯ୍ୟନ୍ତ ଏହି କାଳୀପୂଜାକୁ ପରିଚାଳନା କରିଆସୁଥିବା ଯୁବପିଢିଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ।୧୨ ତାରିଖ ଠାରୁ ୧୫ ତାରିଖ ପ୍ରର୍ଯ୍ୟନ୍ତ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ରାଜେଶ କୁମାର ବେହେରା ,ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ପ୍ରଥମେ ଏହି ପୂଜାକୁ ୫୦ ବର୍ଷ ପୂର୍ବେ ଆରମ୍ଭ କରିଥିବା ପ୍ରତିଷ୍ଠାତା ସ୍ୱର୍ଗତ ମୃତ୍ୟୁଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଗଜେନ୍ଦ୍ର ସ୍ୱାଇଁ ଓ ଶମ୍ଭୁନାଥ ପାତ୍ର ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା। ଅତିଥି ପରିଚୟ ଯତୀନ୍ଦ୍ର ମହାନ୍ତି କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ବର୍ଷରୁ କମ ଓଡ଼ିଶା ମହିଳା କ୍ରିକେଟ ଦଳରେ ସାମିଲ ହେଲେ ନୀଳଗିରି ଝିଅ ଶୁଭଲକ୍ଷ୍ମୀ: ଚାରିଆଡୁ ଶୁଭେଚ୍ଛାର ସୁଅ



ନୀଳଗିରି , ୧୪/୧୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ବାବୁଲା ସିଂଙ୍କ ଝିଅ ଶୁଭଲକ୍ଷ୍ମୀ ଓଡ଼ିଶା ମହିଳା କ୍ରିକେଟ ଦଳରେ ଅଣ୍ଡର ୧୫ଦଳରେ ଚୟନ ହେବା ଫଳରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ସିଆଡିମାଳ ଗ୍ରାମର ଶିକ୍ଷକ ବାବୁଲା ସିଂ ଓ ମା ବାସନ୍ତୀ ସିଂଙ୍କ ଏକମାତ୍ର କନ୍ୟା ଶୁଭଲକ୍ଷ୍ମୀ ପିଲାଟି ଦିନରୁ କ୍ରିକେଟ ପ୍ରତି ଦୁର୍ବଳତା ଥିବାରୁ ପିତା ବାବୁଲା ଝିଅକୁ ଉତ୍ସାହିତ କରିଆସୁଥିଲେ। ଏପରିକି ଝିଅର ଆଗ୍ରହ ଦେଖି ନିଜେ ଝିଅକୁ ନିଜ ଗାଁ ସିଆଡିମାଳରେ ପ୍ରଶିକ୍ଷଣ ଦେଉଥିଲେ। ଅଧୁନା ନୀଳଗିରି ନିମ୍ନ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୪ବର୍ଷୀୟା ଶୁଭଲକ୍ଷ୍ମୀ ବାଲେଶ୍ୱର ଜିଲ୍ଲା ସ୍ତରରୁ ଖେଳ ଆରମ୍ଭ କରି ଓଡ଼ିଶା ଅଣ୍ଡର ୧୫ମହିଳା ଦଳରେ ସାମିଲ ହୋଇ ତାଙ୍କ ଅଧିନାୟକତ୍ୱରେ ତିନୋଟି ଅଭ୍ୟାସ ମ୍ୟାଚ ଖେଳିବା ସହ ମୋଟ ପାଞ୍ଚୋଟି ମ୍ୟାଚ ଖେଳିବା ପାଇଁ ପଶ୍ଚିମବଙ୍ଗ ଯାତ୍ରା କରିଥିଲେ। ଶୁଭଲକ୍ଷ୍ମୀଙ୍କ ଅଧିନାୟକତ୍ୱରେ ଦଳ ଉନ୍ନତ ପ୍ରଦର୍ଶନ କରିବା ପରେ ଓଡ଼ିଶାରେ କିଟ୍ ବିଶ୍ୱବିଦ୍ୟାଳୟ ସହ ଖେଳି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଉଭୟ ବ୍ୟାଟିଂ ଓ କିପିଂ ରେ ଦକ୍ଷତା ପ୍ରତିପାଦନ କରିଥିବା ବେଳେ ଆଗାମୀ ୧୭ତାରିଖରୁ୨୫ତାରିଖ ପର୍ଯ୍ୟନ୍ତ ଗୁଜରାଟ ଠାରେ ଅଣ୍ଡର ୧୫ ଓଡ଼ିଶା ମହିଳା ଦଳରେ ସାମିଲ ହୋଇ ଭାରତର ବିଭିନ୍ନ ଦଳ ସହ କ୍ରିକେଟ ଖେଳିବାକୁ ଚୟନ ହୋଇଛନ୍ତି। ତାଙ୍କର ଏଭଳି ସଫଳତାରେ ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲା ର ବହୁ ଖେଳପ୍ରେମୀ ଶୁଭେଚ୍ଛା ଦେବା ସହ ଉତ୍ତୋରତ୍ତର କାମନା କରିଛନ୍ତି। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଶୁଭଲକ୍ଷ୍ମୀ ନୀଳଗିରି ପାଇଁ ଗୌରବ ଆଣନ୍ତୁ ବୋଲି ଶୁଭେଚ୍ଛା ବର୍ତ୍ତାରେ ଜଣାଇଛନ୍ତି।

# ଟାଟା ପାୱାର ଠିକା କର୍ମଚାରୀଙ୍କ ଶୋଭାଯାତ୍ରା ଓ ବିକ୍ଷୋଭ

ଜଳେଶ୍ୱର , ୧୪/୧୧ (ନି.ପ୍ର): ଟାଟା ପାୱାର କମ୍ପାନୀ ଅଧିନସ୍ଥ ଏଚ୍‌ଏସ୍ ପାୱାର ଠିକା ସଂସ୍ଥାର କର୍ମଚାରୀ ମାନଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହୋଇଛି । ଜଳେଶ୍ୱରର ପୁରୁଣାକୋର୍ଟସ୍ଥିତ କମ୍ପାନୀର କାର୍ଯ୍ୟାଳୟରେ କର୍ମଚାରୀମାନେ ଧାରଣାରେ ବସିଥିଲେ । ଏହା ପୂର୍ବରୁ ସେମାନେ ଏକ ବାଇକ୍ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଘଟଣାରୁ ପ୍ରକାଶ ବିଦ୍ୟୁତ୍ ବଣ୍ଟନ ଓ ରକ୍ଷଣାବେକ୍ଷଣ ଲାଗି ଜଳେଶ୍ୱର ଡିଭିଜନ୍ ଏଚ୍‌ଏସ୍ ପାୱାରକୁ ଦାୟିତ୍ୱ ଦେଇଥିବାରୁ ଏଥିରେ ୫୦୦ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ପ୍ରତିମାସର ୭ ତାରିଖରେ ଦରମା ପ୍ରଦାନ ଲାଗି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ବହୁ ସମୟରେ ବିଳମ୍ବ ଘଟୁଛି । ଏପରିକି ଗତମାସର ଦରମା ଅଦ୍ୟାବଧି ପ୍ରଦାନ ହୋଇନାହିଁ । ସରକାରଙ୍କ ନିୟମରେ ୮ ଘଣ୍ଟା ଶ୍ରମ କରିବାକୁ ଥିବା ବେଳେ ଏହି କମ୍ପାନୀ ଅଧିକ ସମୟ ଶ୍ରମ କରିବାକୁ ବାଧ୍ୟ କରୁଛି । ବିଭିନ୍ନ ଦାବି ନେଇ ପୁରୁଣା କୋର୍ଟ ନିକଟସ୍ଥ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଥିଲେ । ପାୱାର ୟୁନିୟନ ଓ ନେସ୍କୋ ଶକ୍ତି କର୍ମଚାରୀ ସଂଘ ମିଳିତଭାବେ ଏହି ଆନ୍ଦୋଳନକୁ ସମର୍ଥନ କରୁଥିବାରୁ ସଂଘର ସଂପାଦକ ହରିଶଂକର ଦାସ, ପ୍ରଦୀପ ଜେନା, ନିମାଇଁ ପରିଡା, ଚିନ୍ମୟ ଜେନା, ରାଜଗୋପାଳ ଓଝା, ଚନ୍ଦନ ମହାନ୍ତି, ନିର୍ମଳ ଦତ୍ତ, ହରିଶ ଭୂୟାଁ, ଜ୍ୟୋତିରଂଜନ ମହାନ୍ତି, ଚନ୍ଦନ ବେହେରା, ଚିତ୍ତ ସାମଲ ଓ ରାଜୀବ ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଦରମାପ୍ରଦାନ ହେବାର ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁକୁ ସହିନପାରି ଆତ୍ମହତ୍ୟା କଲେ ପତ୍ନୀ : ଅନାଥ ହେଲେ ଦୁଇ ନାବାଳିକା ଝିଅ



ଖୋର୍ଦ୍ଧା, ୧୪/୧୧ (ନି.ପ୍ର): ସ୍ୱାମୀଙ୍କ ମୃତ୍ୟୁ ସହି ନ ପାରି ଚିତା ନ ଲିଭୁଣୁ ଆତ୍ମହତ୍ୟା କରିଦେଲେ ସ୍ତ୍ରୀ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବୋଲଗଡ ବ୍ଲକ ବେଣାଗାଡିଆ ଗାଁରେ । ଗାଁରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ । ଆଲୋକ ର ପର୍ବ ଦୀପାବଳୀ ସଂନ୍ଧ୍ୟା ରେ ନିଜ ଘରେ ଦୀପାଳି ଜଳାଇବା ପାଇଁ ଯୁବ ବ୍ୟବସାୟୀ ଗୋକୁଳ ଚନ୍ଦ୍ର ସାହୁ ରାଜସୁନାଖଳା ଗଣେଷ ବଜାର ସ୍ଥିତ ତାଙ୍କ ଭବାନୀ ଇଲେକ୍ଟ୍ରୋନିକ୍ସ ଦୋକାନ ବନ୍ଦ କରି ଘରକୁ ଯାଉଥିବା ବେଳେ ୫୭ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଗ୍ରସ୍ତ ହେବା କାରଣରୁ ତାଙ୍କ ଜୀବନ ଦୀପ ଲିଭିଯାଇଥିଲା । ମାତ୍ର ତା ପରଦିନ ସ୍ୱର୍ଗତ ଗୋକୁଳ ଙ୍କ ମୃତ ଦେହ ବ୍ୟବଚ୍ଛେଦ ହୋଇ ତାଙ୍କ ନିଜ ଗ୍ରାମ ବୋଲଗଡ଼ ବ୍ଲକ ସାଗରଗୁଆଁ ପଂଚାୟତ ବେଣାଗାଡ଼ିଆପାଟଣା ଗ୍ରାମକୁ ଆସିଥିଲା । ସଂନ୍ଧ୍ୟାରେ ଏକ ଶୋକାକୁଳ ପରିବେଶ ରେ ଗୋକୁଳଙ୍କ ଅନ୍ତିମ ସଂସ୍କାର ଗ୍ରାମ ଶ୍ମସାନ ରେ କରାଯାଇଥିଲା । ସେହିରାତିରେ ତାଙ୍କ ପରିବାର ପାଇଁ ଘଟିଗଲା ଆଉ ଏକ ହୃଦୟ ବିଦାରକ ଅଘଟଣ । ସେହି କାଳରାତି ରେ ସ୍ୱାମୀ ଙ୍କ ଅକାଳ ବିୟୋଗ କୁ ସହି ନପାରି ପତ୍ନୀ ଅନିନ୍ଦିତା ସାହୁ(୩୭) ନିଜ ଘରେ ବେକରେ ରସି ଲଗାଇ ଆତ୍ମ ହତ୍ୟା କରିଥିଲେ । ଏଭଳି ଘଟଣା କୁ ପରିବାର ସମ୍ପର୍କୀୟ ମାନେ ଦେଖିବା ପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ଅଘଟଣା ରେ ପ୍ରଥମେ ବାପ ଓ ପରେ ମାଆ ଆରପାରିକୁ ଚାଲିଯିବା ଫଳରେ ଦୁଃଖ ର ପାହାଡ଼ ଲଦି ହୋଇଯାଇଛି । ତାଙ୍କର ଦୁଇ ନାବାଳିକା କନ୍ୟା ଆକାଂକ୍ଷା (୧୪) ଏବଂ ଅନ୍ୱେଷା (୧୦)ଙ୍କ ଭାଗ୍ୟ ରେ ଏହି ଦୁଇ ଭଉଣୀ ଆଜି ପର୍ଯ୍ୟନ୍ତ ବାପା ମାଆ ଙ୍କ ହାତଧରି ବାଟ ଚାଲୁଥିଲେ । ସମସ୍ତ ଅଳି ମାଆ -ବାପା ଙ୍କୁ କହୁଥିଲେ । ହଠାତ ବାପ - ମାଆ ଙ୍କ ହାତ ସେମାନଙ୍କ ମୁଣ୍ଡ ଉପରୁ ଛାଡ଼ିଯିବ ଏହା ଦୁଇ ଭଉଣୀ କେବି ସ୍ୱପ୍ନ ରେ ଭାବିନଥିଲେ । ତେଣୁ ଏହି ବାପ -ମାଆ ଙ୍କୁ ହରାଇଥିବା ଦୁଇ ଭଉଣୀ ଙ୍କର ଭବିଷ୍ୟତ ସୁରକ୍ଷା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହିତ ଆତ୍ମୀୟ ସ୍ୱଜନମାନେ ସହଯୋଗ କରିବେ ବୋଲି ସାଧାରଣ ରେ ଆଶାପ୍ରକାଶ କରାଯାଉଛି । ଏଭଳି ଦୁଖଃଦ ଘଟଣା ରେ ତାଙ୍କ ନିଜ ଗାଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ମୃତ ଦମ୍ପତିଙ୍କ ଦୁଇଟି କୋମଳମତୀ ଝିଅଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିଛି । ସମ୍ପର୍କୀୟ ମାନେ ଏହି ଅନାଥ ଶିଶୁଙ୍କୁ ସାହାଯ୍ୟ ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି । ଗୋକୁଳ ଜଣେ ଟିଭି ମେକାନିକ ଭାବେ ରାଜ ସୁନାଖଳା ରେ ତାଙ୍କର ଟିଭି ଦୋକାନ ଥିଲା । ଏହି ଦମ୍ପତିଙ୍କ ଏଭଳି ଘଟଣାକୁ ନେଇ ତାଙ୍କ ଗ୍ରାମ ଏବଂ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟ ରେ ଶୋକର ଛାୟା ଖେଳାଇଯାଇଛି।

# ଗଡପୋଖରୀ ଉପ୍ରା ବିଦ୍ୟାଳୟରେ ସାମ୍ବତ୍ସରିକ ଉତ୍ସବ

ଖଇରା, ୧୪/୧୧ (ନି.ପ୍ର): ଖଇରା ବ୍ଲକ ଅନ୍ତର୍ଗତ ଗଡପୋଖରୀ ସରକାରୀ ସ୍କୁଲ ର ସାମ୍ବତ୍ସରିକ ଉତ୍ସବ ଓ ଶିଶୁ ଦିବସ ଛାତ୍ରୀଛାତ୍ର ଓ ଅବିଭାବକଙ୍କ ଗହଣରେ ପାଳିତ ହୋଇ ଯାଇଛି । ବରିଷ୍ଠ ନାଗରିକ ପ୍ରଫୁଲ୍ଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି,ଶିକ୍ଷାବିତ ଶତ୍ରୁଘ୍ନ ଦାସ, କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ,ଶିକ୍ଷକ ନେତା ବିଜୟ କୁମାର ଦ୍ୱିବେଦୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ବେହେରା,ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ଦକ୍ଷିଣରାୟ ପ୍ରାରମ୍ଭିକ ସୂଚନା ଓ ଶିକ୍ଷୟତ୍ରୀ ରତ୍ନମଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନେ ନୃତ୍ୟଗୀତର ଯାଦୁ ଦେଖାଇବା ପରେ ମୁଖ୍ୟ ଅତିଥି କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିଭଳି ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସରପଞ୍ଚ ଟିକିରାଣୀ ସେଠୀ,ସିଆରସିସି ରଘୁନାଥ ଦଳାଇ,ଅଲୋଷ୍ଟା ସଂଘ ସଭାପତି ପ୍ରଫୁଲ୍ଲ କୁମାର ଦାଶ,ପ୍ରାକ୍ତନ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ମହେନ୍ଦ୍ର ନାଥ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ତନ କର୍କଟ ପାଇଁ ସଚେତନତା କାର୍ଯ୍ୟକ୍ରମ




ଉଦଳା , ୧୪/୧୧ (ନି.ପ୍ର): ମହିଳା ମାନଙ୍କ କ୍ଷେତ୍ରରେ ସ୍ତନ କର୍କଟ ରୋଗ ଦେଖାଯାଇଥାଏ । ଏହି ରୋଗ ଏବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ସ୍ୱେଚ୍ଛାସେବୀ ସଂଗଠନ ଇନରହୁଇଲ ତରଫରୁ ଉଦଳା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଇନରହୁଇଲ ଉଦଳା ଶାଖାର ସଭାପତି ଜୟନ୍ତି ପଟ୍ଟନାୟକ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେବା ସହିତ ପ୍ରଥମରୁ ଚିହ୍ନଟିକରଣ ହୋଇଗଲେ ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯିବାର ସମ୍ଭାବନା ରହିଛି ବୋଲି କହିଥିଲେ । ଏହାପରେ କ୍ଲବର ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ଓ ନିୟମିତ ବ୍ୟାୟାମ କରୁଥିବା ଲୋକଙ୍କ ପାଖକୁ ସହଜରେ ଏହି ରୋଗ ଆସିନଥାଏ ବୋଲି କ୍ଲବର ସଂପାଦିକା ମମତା ସାହୁ ବ୍ୟକ୍ତ କରିଥିଲେ । ଏହି ରୋଗର ସନ୍ଦେହ ସୃଷ୍ଟି ହେଲେ ଆଦୌ ବିଳମ୍ବ ନକରି ଡ଼ାକ୍ତରଙ୍କ ପରାମର୍ଶ ନେବାକୁ କ୍ଲବ ତରଫରୁ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା ।

# ମୁନି ସମାଜର ସତସଙ୍ଗ ଅନୁଷ୍ଠିତ

ଉଦଳା , ୧୪/୧୧ (ନି.ପ୍ର): ମୁନି ସମାଜର ଏକ ସତସଙ୍ଗ ଚଳିତ ନଭେମ୍ବର ୧୨ ତାରିଖ ରବିବାର ଦିନ ଉଦଳା ସହରରେ ୱାର୍ଡ଼ ନଂ-୮ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ପ୍ରଶ୍ନଉତର କାର୍ଯ୍ୟକ୍ରମ ଓ ଅନୁଭବ କଥନର ପର୍ବ ଅନୁଷ୍ଠିତ ହୋଇଥିଲା । ଭାଗବତ ମୁନି କାର୍ଯ୍ୟକ୍ରମରେ ଅଧକ୍ଷତା କରି ମୁନି ସମାଜର ସ୍ୱତନ୍ତ୍ର ବିଚାର ବିଷୟରେ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶଶଧର ନାୟକ ଓ ହରେକୃଷ୍ଣ ସାହୁ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମୁନି ସମାଜର ଦର୍ଶନ ଏକ ବିଜ୍ଞାନ ବୋଲି କହିବା ସହ, ଓଡ଼ିଆ ଭାଗବତ ଓ ଗୀତା ମଧ୍ୟରେ କିପରି ମୁନି ସମାଜର ଦର୍ଶନର ଛିଟା ଦେଖିବାକୁ ମିଳେ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ପ୍ରଶ୍ନଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଅନୁଭବ କଥନର ପର୍ବରେ ଫୁଲମଣି ବାଛିନି, ପ୍ରଭାକର ପଣ୍ଡା, ଦେବେନ୍ଦ୍ର ନାୟକ ପ୍ରମୁଖ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅଲେଖ ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଣ୍ଣପୂର୍ଣ୍ଣା ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଉର୍ମିଳା ସାହୁ, ସରସ୍ୱତି ବେହେରା, ସୁରେନ୍ଦ୍ର ବେହେରା, ମେଘମାଳା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଛଟ ପୂଜା ପାଇଁ ଓଡିଶା, ବିହାର ମଧ୍ୟରେ ଆଉ ଏକ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ନିୟମିତ ଟ୍ରେନରେ ଯାତ୍ରୀମାନଙ୍କର ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଛଟ ପୂଜା ପାଇଁ ଓଡିଶା ଓ ବିହାର ମଧ୍ୟରେ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଏହି ଟ୍ରେନ ପୁରୀ ଏବଂ ଜୟନଗର ମଧ୍ୟରେ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି। ପୁରୀରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ୦୮୪୧୯ ପୁରୀ-ଜୟନଗର ସ୍ପେଶାଲ୍ ଟ୍ରେନ୍ ଭାବରେ ଚଳାଚଳ କରିବ ଏବଂ ଗୁରୁବାର (୧୬ ନଭେମ୍ବର) ଦିନ ପୁରୀ ଠାରୁ ରାତ୍ରି ୧୧ଘ.୩୦ମି. ରେ ଛାଡି ଜୟନଗର ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଜୟନଗର ଠାରୁ ୦୮୪୨୦ ଜୟନଗର-ପୁରୀ ସ୍ପେଶାଲ୍ ଭାବରେ ଚଳାଚଳ କରିବ। ଏହା ଜୟନଗର ଠାରୁ ଶୁକ୍ରବାର (୧୭ ନଭେମ୍ବର) ରାତ୍ରି ୧୧ଘ.୩୦ମି. ରେ ଛାଡି ପୁରୀ ଯାତ୍ରା କରିବ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo